**ସଂକ୍ଷେପରେ**

## କୁସଂସ୍କାର, ଅନ୍ଧବିଶ୍ୱାସ ଛାଡ଼ି ସନାତନ ମାର୍ଗ ଧର

### ବିଶ୍ୱ ବୈଦିକ ପରିବାରର ପ୍ରତିଷ୍ଠା ଦିବସ



ମୁନିଗୁଡ଼ା, ୮।୧୧(ଡି.ଏନ୍.ଏ.)-ବିଶ୍ୱ ବୈଦିକ ପରିବାରର ୩୯ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ହାଟମୁନିଗୁଡ଼ାସ୍ଥିତ ବେଦ ନିକେତନ ପରିସରରେ ଆୟୋଜିତ ହୋଇଯାଇଛି। ସମସ୍ତ ପ୍ରକାର କୁସଂସ୍କାର ଓ ଅନ୍ଧବିଶ୍ୱାସ ପରିତ୍ୟାଗ କରି ସନାତନ ବୈଦିକ ମାର୍ଗକୁ ଅନୁସରଣ କରିବା ପାଇଁ ବିଶ୍ୱ ବୈଦିକ ପରିବାରର ପ୍ରତିଷ୍ଠାତା ସନ୍ନ୍ୟାସୀ ଶ୍ରୀ ଆତ୍ମାନନ୍ଦ ଆହ୍ୱାନ କରିଛନ୍ତି। ପ୍ରତିଷ୍ଠା ଦିବସ ଉପଲକ୍ଷେ ଏକ ବୈଦିକ ମହାଯଜ୍ଞ ଓ ପ୍ରବଚନ କାର୍ଯ୍ୟକ୍ରମ କରାଯାଇଛି। ଚନ୍ଦ୍ରଭୂଷଣ ଅଗ୍ନିହୋତ୍ରୀଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଅନୁଷ୍ଠାନ ମୁଖ୍ୟ ପରିଚାଳକ ବିମଳେନ୍ଦୁ ପାଢ଼ୀ, ସମ୍ପାଦକ ଏମ୍. ସନ୍ନ୍ୟାସୀ ରାଓ, କୋଷାଧକ୍ଷ ଶ୍ରୀନିବାସ ପଟ୍ଟନାୟକ, ମୁଖ୍ୟ କ୍ଷେତ୍ର ପ୍ରଚାରକ ବିଦ୍ୟାଧର ଶବର, ସହଯୋଗୀ କ୍ଷେତ୍ର ପ୍ରଚାରକ କମଳାକାନ୍ତ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମୁନିଗୁଡ଼ା ଅଞ୍ଚଳରୁ ୧୦୦ରୁ ଊର୍ଦ୍ଧ୍ୱ ସାଧକସାଧିକା ଯୋଗଦେଇଥିଲେ। ବେଦ ସୌରଭ ସମ୍ପାଦକ ପ୍ରଣବ କିଶୋର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ଚନ୍ଦ୍ର ଗ୍ରହଣ ନେଇ ବନ୍ଦ ରହିଲା ମନ୍ଦିର

ନବରଙ୍ଗପୁର,୮।୧୧ (ବି.ପ୍ର.)- ଚଳିତ ବର୍ଷ ମାସକରେ ୨ଥର ସମ୍ପୂର୍ଣ୍ଣ ବନ୍ଦ ହେଲା ନବରଙ୍ଗପୁରର ସମସ୍ତ ଦେବାଳୟ। ଅକ୍ଟୋବର ୨୫ ତାରିଖ କାର୍ତ୍ତିକ ମାସ ଅମାବାସ୍ୟା ଦିନ ସୂର୍ଯ୍ୟ ପରାଗ ପଡିଥିବାରୁ ମନ୍ଦିର ବନ୍ଦ ରହିଥିଲା। କାର୍ତ୍ତିକ ପୂର୍ଣ୍ଣମାରେ ଚନ୍ଦ୍ର ଗ୍ରହଣ ପଡୁଥିବାରୁ ମଙ୍ଗଳବାର ମଧ ସବୁ ଦେବାଳୟ ବନ୍ଦ ରହିଥିଲା। ଗ୍ରହଣ ପୂର୍ବରୁ ସୋମବାର ବିଳମ୍ବିତ ରାତି ପ୍ରାୟ ୨.୩୦ରେ ମନ୍ଦିର ପହଡ଼ ଖୋଲାଯାଇଥିଲା। ପରେ ଭିତରେ ସମସ୍ତ ନୀତି କାନ୍ତି ସରିବା ପରେ ଭୋର ୪.୧୫ରେ ଶ୍ରୀଜୀଉଙ୍କ ଓ ୪ଟା.୩୦ରେ ମା ଲକ୍ଷ୍ମୀଙ୍କ ମନ୍ଦିରରେ ମଙ୍ଗଳ ଆଳତି କରାଯାଇଥିଲା। ଏହାପରେ ମାଁ ଭଣ୍ଡାର ଘରଣୀଙ୍କ ମନ୍ଦିର ଓ ପରେ ଶ୍ରୀ ଚୈତନ୍ୟ ମନ୍ଦିରରେ ଆଳତି କରାଯାଇଛି। ଏହାପରେ ସମସ୍ତ ଦେବ ନୀତି ସାରି ଭୋର ୫ଟାରେ ମନ୍ଦିର ପହଡ଼ ପଡିଥିଲା। ଚନ୍ଦ୍ର ଗ୍ରହଣ ସ୍ପର୍ଶ କରିବା ପରେ ଶ୍ରୀଜୀଉଙ୍କ ଗ୍ରହଣ ଆଳତି କରାଯାଇଥିଲା। ସନ୍ଧ୍ୟା ୬ଟା ୩୦ରେ ଚନ୍ଦ୍ର ଗ୍ରହଣ ସର୍ବମୋକ୍ଷ ପରେ ମନ୍ଦିର ଶୋଧନ କରାଯାଇ ଅନ୍ୟ ନୀତିକାନ୍ତି ବଢ଼ିଥିଲା। ନବରଙ୍ଗପୁର ରାଜ ପୁରୋହିତ ତଥା ଶ୍ରୀ ଜଗନ୍ନାଥ ନୀତି ପରିଚାଳନା ନିଯୋଗ ମୁଖ୍ୟ ଉପଦେଷ୍ଟା ନରସିଂହ ନାଥ ତ୍ରିପାଠୀଙ୍କ ସମେତ ଶ୍ରୀ ଜଗନ୍ନାଥ ମନ୍ଦିର ପୂଜକ ଦେବୀ ନାୟକ, ଲକ୍ଷ୍ମୀ ମନ୍ଦିର ପୂଜକ ରବୀନ୍ଦ୍ର ଶତପଥୀ, ବିଭୂତି ପାତ୍ର, ଲକ୍ଷ୍ମୀକାନ୍ତ ମିଶ୍ର , ଶୁଭମ୍ ନାୟକ, ବାଳକୃଷ୍ଣ ମିଶ୍ର, ସୁମିତ ପାଳ, ବବୁଲୁ ଦାସ , ପୋପୁ ତ୍ରିପାଠୀ, ଦିପୁ ତ୍ରିପାଠୀ, ଜଗନ୍ନାଥ ଦାସ , ନିଯୋଗ ଉପଦେଷ୍ଟା ରାଜେନ୍ଦ୍ର ତ୍ରିପାଠୀ, ପ୍ରମିସ ତ୍ରିପାଠୀ, ରଞ୍ଜୁ ରଥ, ଶ୍ରୀଧର ପାତ୍ର, ଏ ସତିଶ, ମଣ୍ଟୁ ଆଚାର୍ଯ୍ୟ, ଚିନା ନାଇଡୁ, ରାଜେଶ୍ ଶବର , ସୁନିଲ ମହପାତ୍ର , ଶ୍ରୀ ଜଗନ୍ନାଥ ନୀତି ପରିଚାଳନା ନିଯୋଗ ସଭାପତି ନରେଶ ତ୍ରପାଠୀ , ଉପସଭାପତି ଭାବନି ଶତପଥୀ , ନିଯୋଗ କର୍ମକର୍ତ୍ତା ବାବୁଲା ଦଳେଇ, ସମ୍ପାଦକ କୁନା ପାତ୍ର, ଦୁର୍ଗା ତ୍ରିପାଠୀ, ମିଟୁ ଶତପଥୀ, ନୀଳ ମାଧବ ସୁବୁଦ୍ଧି, ଭାଗିରଥୀ ନାୟକ, ମିନ ନାୟକ, ଚୈତନ୍ୟ ନାୟକ, ଭରତ ନାୟକ, ନରସିଂହ ଗୌଡ଼, ମୁନା ଗୌଡ଼ଙ୍କ ସମେତ ନିଯୋଗର ବହୁ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଉତ୍କଳୀୟ ପରମ୍ପରାକୁ ଉଜ୍ଜୀବିତ ରଖୁଛି 'ବୋଇତ ବନ୍ଦାଣ'

ରାୟଗଡ଼ା ଅଫିସ, ୮।୧୧

କାର୍ତ୍ତିକ ମାସର ପୂର୍ଣ୍ଣିମା ତିଥିରେ ରାୟଗଡ଼ା ଜିଲା ସଂସ୍କୃତି ପରିଷଦ ପକ୍ଷରୁ ପ୍ରଥମ ଥର ପାଇଁ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଧର୍ମ ମାସ କାର୍ତ୍ତିକର ଶେଷ ଦିନରେ ସହର ଉପକଣ୍ଠ ଦେଇ ବହିଯାଉଥିବା ଝଞ୍ଜାବତୀ ନଦୀ କୂଳରେ ଡ଼ଙ୍ଗା ଭସାଯାଇଥିଲା। ଅତୀତର ଉତ୍କଳୀୟ ପରମ୍ପରା ଓ ସାଂସ୍କୃତିକ ବୈଭବକୁ ଉଦ୍‌ଜୀବିତ କରିବା ଉଦ୍ଦେଶ୍ୟରେ ଏହି କର୍ଯ୍ୟକ୍ରମ କରାଯାଇଥିଲା। ସ୍ଥାନୀୟ ବ୍ରାହ୍ମଣ ସାହି ନିକଟସ୍ଥ ଝଞ୍ଜାବତୀ କୂଳରେ ପ୍ରତ୍ୟୁଷରେ ଜିଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ନଗରପାଳ ପି. ମହେଶ ପଟ୍ଟନାୟକ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଜିଲା ସଂସ୍କୃତି ଅଧିକାରୀ ସୁସ୍ମିତା ବାଉରୀ, ସହରର ବିଶିଷ୍ଟ ବ୍ୟକ୍ତି, ହାବିଷ୍ୟାଳିଙ୍କ ସମେତ ବହୁସଂଖ୍ୟାରେ ଜନ ସାଧାରଣ ସାମିଲ ହୋଇଥିଲେ। ଅତିଥି ଓ ସ୍ଥାନୀୟ ଲୋକେ ଏହି ଅବସରରେ ଡଙ୍ଗା ଭସାଇଥିଲେ। ଏହି କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ଜିଲା ସଂସ୍କୃତି କାର୍ଯ୍ୟାଳୟର ରାମଚନ୍ଦ୍ର ପାତ୍ର, ପ୍ରଦୀପ ମାଲବିସୟୀ, କାହ୍ନୁ ଚରଣ ପ୍ରଧାନ, ଅଜିତ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ । ସେହିପରି ଭୋରରୁ ବହୁସଂଖ୍ୟାରେ ଲୋକେ ନିଜର ନିକଟସ୍ଥ ନଦୀ ଓ ଜଳ ସ୍ରୋତରେ କଦଳୀ ପଟରେ ତିଆରି ବୋଇତରେ ପାନ, ଗୁଆ,ରାଶି ଆଦି ରଖି ଦୀପ ଲଗାଇ ଭାସାଇଥିଲେ। ଚନ୍ଦ୍ର ଗ୍ରହଣ ଯୋଗୁ ଭୋର ୫.୩୦ ମଧ୍ୟରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଶେଷ କରାଯାଇଥିଲା।



ଜିଲାସ୍ତରୀୟ ବୋଇତ ବନ୍ଦାଣ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।


ଲୋକମାନେ ଡଙ୍ଗା ଭସାଉଛନ୍ତି।

## ଜଳାଶୟରେ ଡ଼ଙ୍ଗା ଭସାଇଲେ ଶ୍ରଦ୍ଧାଳୁ

ଟିକିରି, (ଡି.ଏନ୍.ଏ.)



ରାୟଗଡ଼ା ଜିଲା କାଶୀପୁର ବ୍ଲକର ବିଭିନ୍ନ ମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଭିଡ଼ ପରିଲକ୍ଷିତ ହୋଇଛି। ବିଭିନ୍ନ ଜଳାଶୟରେ ବୋଇତ ଭସାଇଥିଲେ ଶ୍ରଦ୍ଧାଳୁ। ଚନ୍ଦ୍ର ଗ୍ରହଣ ଯୋଗୁ ଦେବପୂଜା ନୀତି ସକାଳ ୬ଟା ପର୍ଯ୍ୟନ୍ତ ଥିଲା। ଶ୍ରଦ୍ଧାଳୁମାନେ ରାତି ୨ଟାରୁ ପୂଜା ଓ ଡଙ୍ଗା ଭସାଇବାକୁ ଯାଇଥିଲେ। ବୋଇତ ବନ୍ଦାଣ ସହ ଠାକୁରଙ୍କ ଦର୍ଶନ ଏବଂ ପୂଜାର୍ଚ୍ଚନା କରାଯାଇଥିଲା। ଠାକୁରଙ୍କ ନାମ ସଂକୀର୍ତ୍ତନ ଯୋଗୁ ସେଠାରେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

rgdselfie@gmail.com


@ ବାସୁଦେବ


@ ଟିକାରାମ

ଆପଣମାନେ ପରିବାର ସଦସ୍ୟ, ସାଙ୍ଗ କିମ୍ବା ସମ୍ପର୍କୀୟଙ୍କ ଗହଣରେ ଉଠାଉଥିବା ସେଲ୍‌ଫିକୁ ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦେଶର ଆଭ୍ୟନ୍ତରୀଣ ଶତ୍ରୁଙ୍କୁ ଜବାବ ଦେଉଛି ସିଆର୍‌ପିଏଫ୍

ରାୟଗଡ଼ା ଅଫିସ, ୮।୧୧

**ସିଆରପିଏଫ୍ ୪ର୍ଥ ବାଟାଲିୟନର ୬୬ତମ ପ୍ରତିଷ୍ଠା ଦିବସ**

ରାୟଗଡା ସ୍ଥିତ ୪ର୍ଥ ବାଟାଲିୟାନ ସିଆରପିଏଫ୍‌ର ୬୬ ତମ ପ୍ରତିଷ୍ଠା ଦିବସ ମହାଆଡମ୍ବରରେ ପାଳିତ ହୋଇଯାଇଛି। ୨ଦିନ ଧରି ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ପ୍ରଥମ ଦିନରେ ୪ର୍ଥ ବାଟାଲିୟନର ଡିଆଇଜି ବିଜୟ କୁମାର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ସିଆରପିଏଫ୍ ସଦା ଦେଶର ସୁରକ୍ଷା ପାଇଁ କାମ କରୁଛି ଏବଂ କରୁଥିବ ବୋଲି ମୁଖ୍ୟ ଅତିଥି କହିଥିଲେ। ଦେଶର ଆଭ୍ୟନ୍ତରୀଣ ଶତ୍ରୁଙ୍କୁ ସିଆରପିଏଫ୍ ଯବାନ ମାନେ ଉଚିତ ଭାବେ ମୁକାବିଲା କରିଆସୁଛନ୍ତି। ଦ୍ୱିତୀୟ ଦିନରେ ଜିଲାପାଳ ସ୍ୱଧା ଦେବ ସିଂ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଜିଲା ଆରକ୍ଷୀ ଅଧିକ୍ଷକ ବିବେକାନନ୍ଦ ଶର୍ମା, ଶ୍ରମଧିକାରୀ ଜସ୍ମିନ ସାହୁ, ଉତ୍କଳ ଆଲୁମିନାର ବରିଷ୍ଠ ପ୍ରବନ୍ଧକ ଲୋପାମୁଦ୍ରା ପ୍ରିୟଦର୍ଶିନୀ, ଜେକେ କାଗଜ କଳ ବରିଷ୍ଠ ପ୍ରବନ୍ଧକ ସୁନୀଲ କୁମାର ନାଥ ପ୍ରମୁଖ ଉପସ୍ଥିତ ଥିଲେ। ୪ର୍ଥ ବାଟାଲିୟନ ସିଆରପିଏଫ୍‌ର କମାଣ୍ଡେଣ୍ଟ ମନୋଜ କୁମାର ଯାଦବଙ୍କ ପୌରହିତ୍ୟରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସହରର ବିଭିନ୍ନ ଶିକ୍ଷାନୁଷ୍ଠାର ଛାତ୍ରୀଛାତ୍ର ନିଜ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ଏହି ଅବସରରେ ସହରବାସୀଙ୍କ ପାଇଁ ମନୋରଞ୍ଜନ ପାଇଁ ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏଥିସହ ବିଭିନ୍ନ ପ୍ରକାର ଷ୍ଟଲ ଗୁଡିକର ପ୍ରଦର୍ଶନ କରାଯାଇଥିଲା। କାର୍ଯ୍ୟକ୍ରମ ର ଉପଭୋଗ କରିବା ପାଇଁ ସହରବାସୀଙ୍କ ଭିଡ ବେଶ୍ ଜମିଥିବା ଦେଖିବାକୁ ମିଳିଛି। ପ୍ରତିଷ୍ଠା ଦିବସକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ କ୍ୟାମ୍ପ ପରିସରରେ ସିଆରପିଏଫ୍ ଯବାନମାନେ ନିୟୋଜିତ ଥିଲେ। ଏହି କାର୍ଯ୍ୟକ୍ରମକୁ ୪ର୍ଥ ବାଟାଲିୟନ ଲୋକସମ୍ପର୍କ ଅଧିକାରୀ ଶାନ୍ତନୁ ସାହୁ ପରିଚାଳନା କରିଥିଲେ।


କୃତୀ ପ୍ରତିଯୋଗୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ବାଇକ୍ ଦୁର୍ଘଟଣା ୨ ଗୁରୁତର

ଡାବୁଗାଁ, ୮।୧୧ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ଅଧୀନ ଡାବୁଗାଁ- ମଇଦଲପୁର ପୂର୍ତ୍ତ ବିଭାଗ ରାସ୍ତା ଉପରେ ମୋଟର ସାଇକେଲ ଦୁର୍ଘଟଣା ଘଟି ୨ ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ପାପଡାହାଣ୍ଡି ବ୍ଲକ ଅଧୀନ କାଙ୍ଗୁମାଝିଗୁଡା ଗ୍ରାମର ଭୁବନ ଭତ୍ରା (୨୪) ଓ ଭୁବନ ଗୌଡ (୩୦)। ସୂଚନାନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୭ଟାରୁ ୮ଟା ମଧ୍ୟରେ ଭୁବନ ଭତ୍ରା ଓ ଭୁବନ ଗୌଡ଼ ମଇଦଲପୁରରୁ କାଙ୍ଗୁମାଝିଗୁଡା ଗ୍ରାମକୁ ମୋଟରସାଇକେଲ (ଓଡ଼ି- ୨୪ ଏଚ୍- ୫୪୫୩) ଯୋଗେ ଫେରୁଥିଲେ। ଏହି ସମୟରେ ଦହଣାମାଳ ଗ୍ରାମ ନିକଟରେ ଥିବା ଏକ ପୋଲ ପାଖରେ ଭାରସାମ୍ୟ ହରାଇ ବାଇକ୍‌ଟି ଓଲଟି ପଡିଥିଲା। ଫଳରେ ମୋଟର ସାଇକେଲରେ ଥିବା ବନ ଭତ୍ରା ଓ ଭୁବନ ଗୌଡ଼ ଆହତ ହୋଇଥିଲେ। ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରଯାଇଥିଲା। ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା କୁରୁତର ଥିବାରୁ ଉଭୟଙ୍କୁ ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି । ମଇଦଲପୁର ପୋଲିସ ପହଞ୍ଚି ଘଟଣାସ୍ଥଳରେ ତଦନ୍ତ କରୁଛି।

## ସୌରା ଭାଷାରେ ନାମ ସଂକୀର୍ତ୍ତନ

ଗୁଡ଼ାରୀ, ୮।୧୧(ଡି.ଏନ୍.ଏ.)

**ଗୁଡ଼ାରୀ ଇତିହାସରେ ପ୍ରଥମ**

ରାୟଗଡ଼ା ଜିଲା ଗୁଡ଼ାରୀ ବ୍ଲକ ଅସଡ଼ା ପଞ୍ଚାୟତ ଡିମିରିଗୁଡ଼ା ଗ୍ରାମରେ ସୌରା ଭାଷାରେ ନାମ ସଂକୀର୍ତ୍ତନ ହୋଇଥିଲା। ଗତ ଏକାଦଶୀ ତିଥିରୁ ପ୍ରତିଦିନ ସନ୍ଧ୍ୟାରେ ଆରମ୍ଭ ହୋଇଥିବା ଏହି ନାମ ସଂକୀର୍ତ୍ତନ ସୋମବାର ଶେଷ ହୋଇଛି। ଗୁଡ଼ାରି ଇତିହାସରେ ସୌରା ଭାଷାରେ ନାମ ସଂକୀର୍ତ୍ତନ ହେବା ପ୍ରଥମ ଘଟଣା। ପବିତ୍ର କାର୍ତ୍ତିକ ମାସ ଅବସରରେ ଡିମିରିଗୁଡ଼ାରେ ଏହି ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସାହିରେ ସଙ୍କୀର୍ତ୍ତନ କରି ଯିବା ସମୟରେ ପ୍ରତ୍ୟେକ ଘର ଦାଣ୍ଡରେ ସେମାନଙ୍କୁ ଦୀପ ଲଗାଇ ସ୍ୱାଗତ କରାଯାଇଛି। ଗୁଣପୁର ବ୍ଲକର ଖଇରା, ମେରିଙ୍ଗ, ମରିଚଗୁଡା ଓ ଘୁଟୁନା ଅମ୍ବାବାଡି ଗ୍ରାମର ଭକ୍ତମାନେ ଡିମିରିଗୁଡା ଆସି ଏହି ନାମ ସଂକୀର୍ତ୍ତନ କରିଛନ୍ତି। କାର୍ଯ୍ୟକ୍ରମରେ ଅସଡା ସରପଞ୍ଚ ସୁଦାମ ଶବର, ଲକ୍ଷ୍ମଣ ଶବର, ସାନନ୍ଦ ଶବର, ମାଧବ ଶବର, ରବି ଶବର ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ସଂକୀର୍ତ୍ତନ ଦେଖିବା ସହ ସୌରା ଭାଷାରେ ହରି ନାମ ଶୁଣିବା ପାଇଁ ଡିମିରିଗୁଡ଼ା ଆଖପାଖ ଅଞ୍ଚଳର ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।


ନାମ ସଂକୀର୍ତ୍ତନ ଚାଲିଛି।

# ନିଆଁରେ ଚାଲିଲେ ଆୟାପ୍ପା ଭକ୍ତ

ଗୁଡ଼ାରୀ, ୮।୧୧(ଡି.ଏନ୍.ଏ.)

**ଗୁଡ଼ାରୀରେ ଆୟାପ୍ପା ଭକ୍ତଙ୍କ ଆୟୁ ପୂଜା**

ଗୁଡ଼ାରୀ ସହରରେ ଆୟାପ୍ପାଙ୍କ ଭକ୍ତମାନେ ଆୟୁ ପୂଜା କରିଥିଲେ। ଉତ୍କଳ ଗ୍ରାମୀଣ ବ୍ୟାଙ୍କ ସାହିରେ ଆୟାପା ଭକ୍ତ ରତ୍ନଗିରି ସୱାମୀ ଏହି ପୂଜା ର ଆୟୋଜନ କରିଥିଲେ। ଭକ୍ତମାନେ ପ୍ରଥମେ ଆୟାପା ସ୍ୱାମୀଙ୍କ ବନ୍ଦନା କରି ପୂଜା କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ଓଡ଼ିଆ ଓ ତେଲୁଗୁ ଭାଷାରେ ସ୍ୱାମୀଙ୍କ ଭଜନ ଗାନ କରାଯାଇଛି। ଗୁଡ଼ାରୀରେ ପ୍ରଥମ ଥର ପାଇଁ ଆୟାପା ଭକ୍ତ ମାନେ ଏହି "ଆୟୁ" ପୂଜା ଆୟୋଜନ କରିଥିଲେ। ପୂଜାର୍ଚ୍ଚନା ପରେ ଜ୍ୱଳନ୍ତା ଅଗ୍ନିକୁ ପୂଜା କରି ଭକ୍ତମାନେ ଜଣ ଜଣ କରି ସ୍ୱାମୀ ଶରଣମ ଆୟାପ୍ପା କହି ନିଆଁରେ ଚାଲିଥିଲେ। ସ୍ୱାମୀ ଶରଣମ ଆୟାପ୍ପା ଧ୍ୱନୀରେ ବ୍ୟାଙ୍କ ସାହି ପ୍ରକମ୍ପିତ ହୋଇଥିଲା। ଏହି ସମୟରେ ବହୁ ଭକ୍ତ ଓ ସାଧାରଣ ଲୋକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ପଦ୍ମପୁର, ରମନାଗୁଡା, ଶିକରପାଇ ଓ ଜୟପୁର ସମେତ ଅନ୍ୟ ଗାଁର ଆୟାପ୍ପା ଭକ୍ତମାନେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଭକ୍ତମାନେ ଅନ୍ନା ହାରମ କରିଥିଲେ। ଗଣେଶ ଗୁରୁ ସ୍ୱାମୀ, ଚିନି ଗୁରୁସ୍ୱାମୀ, ନିନୁ ସ୍ୱାମୀ, ନରହରି ସ୍ୱାମୀଙ୍କ ସମେତ ଗୁଡ଼ାରୀର ସମସ୍ତ ଆୟାପ୍ପା ଭକ୍ତ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ। ଏହି ଆୟୁ ପୂଜା କରିବା ଦ୍ୱାରା ନିଜର ତଥା ଗ୍ରାମର ମଙ୍ଗଳ ହୋଇଥାଏ ବୋଲି ବହୁ ବର୍ଷ ଧରି ଦୀକ୍ଷା ଗ୍ରହଣ କରିଥିବା ଭକ୍ତମାନେ ମତ ପ୍ରକାଶ କରିଛନ୍ତି।


ଆୟାପ୍ପା ଭକ୍ତମାନେ ପୂଜା କରୁଛନ୍ତି।

## ଆକ୍ରମଣ ଘଟଣାରେ ୨ ଗିରଫ

ବ୍ରହ୍ମପୁର ଅଫିସ,୮।୧୧

ଆଙ୍କୁଶପୁର ଗ୍ରାମର ସୂର୍ଯ୍ୟ ନାରାୟଣ ନାୟକଙ୍କୁ ସୋମବାର ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ସଂପୃକ୍ତ ୨ ଜଣଙ୍କୁ ସଦର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଆଙ୍କୁଶପୁରର କାଳିଆ ନାୟକ ଓ ଗଜେନ୍ଦ୍ର ନାୟକ। ପୋଲିସ ସେମାନଙ୍କୁ ନିକଟରୁ ଘଟଣା ବେଳେ ବ୍ୟବହୃତ ମାରଣାସ୍ତ୍ର ଜବତ କରିଛି। ମାମଲା ନଂ.୫୨୮/୨୨ ରେ ଦୁଇ ଅଭିଯୁକ୍ତ କାଳିଆ ଓ ଗଜେନ୍ଦ୍ରଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଉଭୟଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଥାନାଧିକାରୀଙ୍କୁ ଡ୍ରାଇଭର ମହାସଂଘର ଦାବିପତ୍ର



ସଂଘ ସଦସ୍ୟମାନେ ଦାବିପତ୍ର ଦେଉଛନ୍ତି।

ଗୁଡ଼ାରୀ, ୮।୧୧(ଡି.ଏନ୍.ଏ.)

ଗୁଡ଼ାରୀ ଡ୍ରାଇଭର ମହାସଙ୍ଘ ପକ୍ଷରୁ ମଙ୍ଗଳବାର ଥାନାଧିକାରୀ ଦୀନବନ୍ଧୁ ଶବରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ଡ୍ରାଇଭର ମହାସଂଘର ୯ ଦଫା ଦାବିକୁ ରାଜ୍ୟ ସରକାର ଅଣଦେଖା କରିଛନ୍ତି। ବର୍ତ୍ତମାନ ରାଜ୍ୟ ଡ୍ରାଇଭର ସଂଘ ବରିଷ୍ଠ କର୍ମକର୍ତ୍ତା ମାନେ ଦଣ୍ଡବତ ଯାତ୍ରା କରୁଛନ୍ତି। ଯଦି ସରକାର ସେମାନଙ୍କ ଦାବି ପୂରଣ ନ କରନ୍ତି ତେବେ ରାଜ୍ୟ ସଂଘର ଆହ୍ୱାନନ କ୍ରମେ ଷ୍ଟେରିଂ ଛାଡ଼ ଆନ୍ଦୋଳନ କରିବେ ବୋଲି ଗୁଡ଼ାରୀ ଡ୍ରାଇଭର ମହାସଙ୍ଘ ସଭାପତି ଅଶୋକ ଗୌଡ଼ ଚେତାବନୀ ଦେଇଛନ୍ତି। ତେଣୁ ସେମାନେ ପୋଲିସର ସହଯୋଗ କାମନା କରୁଛନ୍ତି ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ଅଛି।

## ଆ କା ମା ବୈ...


ଜୟପୁରର ଖଜୁରି ବନ୍ଧରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଉଛନ୍ତି ।


କୋରାପୁଟର ନରେନ୍ଦ୍ର ସରୋବରରେ ଲୋକମାନେ ବୋଇତ ବନ୍ଦାଣ କରି ଡଙ୍ଗା ଭସାଉଛନ୍ତି ।


ଦାମନଯୋଡିରେ ନାଲ୍‌କୋ ଇଡି ସୁଶିଲ କୁମାର ଦାସ ସାଧବ ପୁଅ ବେଶରେ ବୋଇତ ବନ୍ଦାଣ ପୂର୍ବରୁ ତୁଳସୀମୂଳେ ପୂଜାର୍ଚ୍ଚନା କରୁଛନ୍ତି ।

## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ସ୍ୱାମୀ ମୃତ,ସ୍ତ୍ରୀ ପୁଅ ଆହତ

କାଳିମେଲା, ୮।୧୧ (ଡି.ଏନ୍.ଏ.)- ମାଲକାନଗିରି ଜିଲା କାଳିମେଲା-ମୋଟୁ ୩୨୬ ନମ୍ବର ଜାତୀୟ ରାଜପଥର ଏମ୍‌ପିଭି ୧୨୬ ନିକଟରେ ମଙ୍ଗଳବାର ସନ୍ଧ୍ୟାରେ ଏକ ଦୁର୍ଘଟଣା ଘଟିଛି। ଏଥିରେ ବାଇକ୍ ଚାଳକଙ୍କ ମୃତ୍ୟୁ ହୋଇଥିବାବେଳେ ଅନ୍ୟ ୨ଜଣ ଆହତ ହୋଇଛନ୍ତି। ମୃତକ ହେଲେ ମାନ୍ୟମ କୋଣ୍ଡା ପଞ୍ଚାୟତ ରାଜଗିରି ଗ୍ରାମର ନୀଳ ବଡ଼ନାୟକ। ଆହତମାନେ ହେଲେ ନୀଳଙ୍କ ସ୍ତ୍ରୀ ଜେମା ଓ ପୁଅ ସଲମାନ। ସୂଚନାନୁଯାୟୀ, ନୀଳ ସ୍ତ୍ରୀ ଓ ପୁଅଙ୍କୁ ଧରି ମାଲକାନଗିରି ଆଡୁ ନିଜ ଘରକୁ ଯାଉଥିବା ସମୟରେ ଅନ୍ଧାର ଯୋଗୁ ରାସ୍ତାରେ ଛିଡ଼ା ହୋଇଥିବା ଟ୍ରକକୁ ଦେଖି ନ ପାରି ପିଟି ଦେଇଥିଲେ। ଫଳରେ ବାଇକ ଚାଳକଙ୍କ ଛାତି ଟ୍ରକ ଡାଲାରେ ମାଡ଼ ହୋଇଥିଲା। ଏହି ସମୟରେ ଉକ୍ତ ରାସ୍ତା ଦେଇ ଯାଉଥିବା କାଳିମେଲା ଅଞ୍ଚଳର ଜଣେ ବ୍ୟକ୍ତି ନିଜ ଗାଡ଼ିରେ ସେମାନଙ୍କୁ ସ୍ଥାନୀୟ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଡାକ୍ତର ନୀଳଙ୍କୁ ମୃତ ଘୋଷଣା କରିଥିଲେ। ଏମ୍‌ଭି-୭୯ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

### ନଣନ୍ଦଙ୍କ ଆଗରେ ଚାଲିଗଲା ଭାଉଜଙ୍କ ଜୀବନ

ଗୋପାଳପୁର,୮।୧୧(ଡି.ଏନ.ଏ.)-୧୬ନଂ ଜାତୀୟ ରାଜପଥ ଅଟୋ ନଗର ଓଭରବ୍ରିଜ୍ ୫ ଦିନ ପୂର୍ବେ ଖୋଲିଥିଲା। ମଙ୍ଗଳବାର ଏହା ଉପରେ ଯାଉଥିବା ଏକ ଅଟୋ ଦୁର୍ଘଟଣାଗ୍ରସ୍ତ ହୋଇ ନଣନ୍ଦଙ୍କ ସମ୍ମୁଖରେ ଭାଉଜଙ୍କ ଜୀବନ ଯାଇଛି। ମୃତକ ଜଣକ ହେଲେ ଗୋଳନ୍ଥରା ଥାନା ଅଧିନସ୍ଥ କୃଷ୍ଣ ନଗରର ସନ୍ତୋଷୀ ଦାଶ ଓ ଗୁରୁତର ଆହତ ହେଲେ ଶୈଳେନ୍ଦ୍ରୀ ଦାଶ। ସୂଚନା ପ୍ରକାରେ, ଗୋଳନ୍ଥରା ଥାନା ଅଧିନ କୃଷ୍ଣନଗର ଅଞ୍ଚଳର ସନ୍ତୋଷୀ ଓ ନଣନ୍ଦ ଶୈଳେନ୍ଦ୍ରୀ ବ୍ରହ୍ମପୁରସ୍ଥିତ ନୀଳକଣ୍ଠନଗର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ଉଭୟେ କାର୍ଯ୍ୟ କରୁଥିଲେ। ମଙ୍ଗଳବାର ଏକ ଅଟୋ ଯୋଗେ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ଅଟୋନଗର ଓଭରବ୍ରିଜ୍ ନିକଟରେ ହଠାତ୍ ଅଟୋଟି ଭାରସାମ୍ୟ ହରାଇ ଡିଭାଇଡ଼ର ପିଟି ହୋଇଯାଇଥିଲା। ଫଳରେ ସନ୍ତୋଷୀ ଓ ଶୈଳେନ୍ଦ୍ରୀ ଅଟୋରୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ପୋଲିସ ଓ ସ୍ଥାନୀୟ ଲୋକ ଉଭୟଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ସନ୍ତୋଷୀଙ୍କୁ ଡ଼ାକ୍ତର ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ନଂ. ୪୦୮/୨୨ରେ ଦୁର୍ଘଟଣା ମାମଲା ରୁଜୁ କରି ଦୁର୍ଘଟଣାଗ୍ରସ୍ତ ଅଟୋକୁ ନିଜ ହେପାଜକୁ ନେଇଛି।

### ଆକ୍ରମଣ ଘଟଣାରେ ୨ ଗିରଫ

ବ୍ରହ୍ମପୁର ଅଫିସ,୮।୧୧-ଆଙ୍କୁଶପୁର ଗ୍ରାମର ସୂର୍ଯ୍ୟ ନାରାୟଣ ନାୟକଙ୍କୁ ସୋମବାର ସଂଘବଦ୍ଧ ଭାବେ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାରେ ସମ୍ପୃକ୍ତ ୨ ଜଣଙ୍କୁ ସଦର ଥାନା ପୋଲିସ ଗିରଫ କରିଛି। ସେମାନେ ହେଲେ ଆଙ୍କୁଶପୁରର କାଳିଆ ନାୟକ ଓ ଗଜେନ୍ଦ୍ର ନାୟକ। ପୋଲିସ ସେମାନଙ୍କୁ ନିକଟରୁ ଘଟଣା ବେଳେ ବ୍ୟବହୃତ ମାରଣାସ୍ତ୍ର ଜବତ କରିଛି। ମାମଲା ନଂ.୫୨୮/୨୨ ରେ ଦୁଇ ଅଭିଯୁକ୍ତ କାଳିଆ ଓ ଗଜେନ୍ଦ୍ରଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଉଭୟଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଆଙ୍କୁଶପୁର ଦଳିତ ସାହିରେ ରହୁଥିବା ସୂର୍ଯ୍ୟନାରାୟଣ ସୋମବାର ନିଜ ଘର ଦାଣ୍ଡରେ ଠିଆ ହୋଇଥିଲେ। ସେଠାରେ କାଳିଆ, ଗଜେନ୍ଦ୍ର ନାୟକ ଓ ତାଙ୍କର ସମର୍ଥକମାନେ ପହଞ୍ଚି ତାଙ୍କ ଝଗଡ଼ା କରିବା ସହ ଠେଙ୍ଗା ଓ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ପରିବାର ଲୋକ ସୂର୍ଯ୍ୟନାରାୟଣଙ୍କୁ ଉଦ୍ଧାର କରି ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସୂର୍ଯ୍ୟନାରାୟଣଙ୍କୁ ଆକ୍ରମଣ ବେଳେ ଅଭିଯୁକ୍ତଙ୍କୁ ପ୍ରତିବାଦ କରୁଥିବା ତାଙ୍କ ମା' ଗୀତା ନାୟକ ପରେ ଏନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ତଦନ୍ତ କରି ମଙ୍ଗଳବାର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଛି।

### ଅଜଣା ରୋଗରେ ପୀଡ଼ିତଙ୍କୁ ଦୃଷ୍ଟି ଦେବାକୁ ଦାବି

ବଲସକୁମ୍ପା,୮।୧୧- ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଦୁତିମେଣ୍ଡି ଗ୍ରାମ ପଞ୍ଚାୟତ ପ୍ରେମଝରି ଗ୍ରାମର କରୁଣାକର ମଲିକ ଦୀର୍ଘ ଦିନ ହେବ ଅଜଣା ରୋଗରେ ପୀଡ଼ିତ ଥିବା ଦେଖିବାକୁ ମିଳିଛି। କରୁଣାକର ଜଣେ ଗରିବ ଶ୍ରେଣୀର ହୋଇଥିବାରୁ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଉଚ୍ଚ ଚିକିତ୍ସା ସେବା ପାଇଁ ସରକାରଙ୍କୁ ଆର୍ଥିକ ସହାୟତା ଯୋଗାଇ ଦେବା ନିମନ୍ତେ ଗଣମାଧମ ଦ୍ୱାରା ନିବେଦନ କରିଛନ୍ତି କରୁଣାକର। ସେହିଭଳି ଅଞ୍ଚଳବାସୀ ସମେତ ସ୍ଥାନୀୟ ଯୁବ ସାମାଜିକ କର୍ମୀ ସଲିଲ ସାଗର ଝାଙ୍କର ଅଜଣା ରୋଗରେ ପୀଡ଼ିତ ଥିବା ଅସହାୟ ଯୁବକଙ୍କୁ ସରକାରୀ ସହାୟତା ସହିତ ଉଚ୍ଚ ଚିକିତ୍ସା ସେବା ଯୋଗାଇ ଦେବା ପାଇଁ ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ସ୍ୱାମୀଙ୍କ ଏଭଳି ରୋଗୀଣା ଅବସ୍ଥା ଦେଖି ତାଙ୍କ ସ୍ତ୍ରୀ ନିଜର ମାନବିକତା ହରାଇ ଛାଡ଼ି ଦେଇ ନିଜ ବାପ ଘରକୁ ଚାଲିଗଲେ।

# ସଚେତନତା ଆଣିବ ପରିବର୍ତ୍ତନ

ମାଲକାନଗିରି, ୮।୧୧(ଡି.ଏନ.ଏ.)


ବଣ୍ଡା ରମଣୀମାନେ କୃଷି କ୍ଷେତ୍ରରେ କାର୍ଯ୍ୟ କରୁଛନ୍ତି।

- ଏହି ଜନଜାତିରେ ଶିଶୁ ମୃତ୍ୟୁହାର ଅଧିକ
- ୩୨ ଗ୍ରାମରେ ରହୁଛନ୍ତି ୬୭୦୦ ଅଧିବାସୀ
- ସେମାନଙ୍କ ଉନ୍ନତି ପାଇଁ ରହିଛି ଡେଭଲପମେଣ୍ଟ ସୋସାଇଟି

ମାଲକାନଗିରି ଜିଲାରେ କାହିଁ କେଉଁ କାଳରୁ ଆଦିମ ବଣ୍ଡା ଜନଜାତି ବସବାସ କରି ଆସୁଛନ୍ତି। ଏହି ଜନଜାତିରେ ଜନସଂଖ୍ୟା ବହୁତ କମ। ଏହା ପଛରେ ଅନେକ କାରଣ ରହିଛି। ସେଥିମଧ୍ୟରୁ ଏହି ଜନଜାତିରେ ଶିଶୁ ମୃତ୍ୟୁହାର ଅନ୍ୟ ଜନଜାତିଠାରୁ ଅଧିକ ରହିଥିବାରୁ ଏମାନଙ୍କ ସଂଖ୍ୟା କମିବାରେ ଲାଗିଛି। ଏହାର ନିରାକରଣ ନିମନ୍ତେ ସ୍ୱେଚ୍ଛାସେବୀ ସଙ୍ଗଠନଠାରୁ ଆରମ୍ଭ କରି ସରକାରୀ ସ୍ତରରେ ଅନେକ ଯୋଜନା କାର୍ଯ୍ୟକାରୀ ହେଉଛି ସତ ମାତ୍ର ଏହି ଅଞ୍ଚଳରେ ଜନଜାତିର ଲୋକେ ଉପକୃତ ହେଉନାହାନ୍ତି। ଏହି ବଣ୍ଡା ଜନଜାତି ଜିଲାର ଖଇରପୁଟ ବ୍ଲକ ଅନ୍ତର୍ଗତ ମୁଦୁଲିପଡା, ଅଣ୍ଡ୍ରାହାଲ ଏବଂ ବଡଦୁରାଲ ପଞ୍ଚାୟତରେ ବସବାସ କରନ୍ତି। ଯାହାର ଅବସ୍ଥିତି ସମୁଦ୍ର ପତନଠାରୁ ୫ହଜାର ଫୁଟ ଉପରେ ରହିଛି। ବଣ୍ଡାଙ୍କ ଜନସଂଖ୍ୟା କହିଲେ ୩୨ଟି ଗ୍ରାମରେ ୨୪୫ ଘରର ପାଖାପାଖି ୬୭୦୦ ଜଣ ରହିଛନ୍ତି। ଜଣେ ବଣ୍ଡା ରମଣି ତାର ଜୀବନକାଳ ମଧ୍ୟରେ ଅତି କମରେ ୫ରୁ ଅଧିକ ଛୁଆ ଜନ୍ମ କରିଥାଏ। କିନ୍ତୁ ଛୁଆ ଜନ୍ମ କରିବା ଏବଂ ତାହାର ଲଳନପାଳନ କରିବା ଦିଗରେ ଏମାନେ ସେତେଟା ସଚେତନ ନୁହନ୍ତି। କାରଣ ବଣ୍ଡା ରମଣି ହିଁ ପରିବାରର ସବୁ ରୋଜଗାରର ଦାୟିତ୍ୱ ନେଇଥାଏ। ଜନ୍ମ କଲା ଛୁଆକୁ ଛାଡି କାମ କରିବାକୁ ଯାଇଥାଏ। ବେଳେ ବେଳେ ଅଧିକାଂଶ ମା ନିଜ ଛୁଆକୁ ନେଇ ମଧ ନିଜ କର୍ମ ସ୍ଥଳିକୁ ଯାଇଥାନ୍ତି। ସେଠାରେ ପିଲାଙ୍କ ଖାଦ୍ୟପେୟ ସଠିକ ଭାବରେ ବୁଝି ନ ଥାନ୍ତି। କେବଳ ଏତିକି ନୁହେଁ ପ୍ରଥମ ସନ୍ତାନ ଜନ୍ମ ହେବାର ପ୍ରାୟ ଏକରୁ ଦେଢ ବର୍ଷ ମଧ୍ୟରେ ଆଉ ଗୋଟେ ସନ୍ତା ଜନ୍ମ ଦେଇଥାନ୍ତି। ସନ୍ତାନ ଜନ୍ମର ବ୍ୟବଧାନ ଆଉ ଉଚିତ ଲଳନ ପାଳନରେ ଏହି ଜନଜାତି ବିଫଳ ହେଉଥିବାରୁ ଦିନକୁ ଦିନ ଏହି ଜନଜାତିର ଶିଶୁ ମୃତ୍ୟୁହାର ବଢିଥାଏ। ଏହାର ନିରାକରଣ ନିମନ୍ତେ ଉପଯୁକ୍ତ ସ୍ୱାସ୍ଥ୍ୟ ସେବା ସହ ସଚେତନତାର ଆବଶ୍ୟକ ରହିଛି। ଏଠାରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ପାଇଁ ବିଦ୍ୟାଳୟ ଅଛି, ଅଥଚ ଏମାନଙ୍କ ମଧ୍ୟରୁ ଅନେକ ବିଦ୍ୟାଳୟ ଓ ଶିକ୍ଷା ପ୍ରତି ଆକୃଷ୍ଟ ହୋଇ ନ ଥାନ୍ତି। ମାତ୍ର ୬ ପ୍ରତିଶତ ପିଲା ଶିକ୍ଷିତ ହୋଇପାରିଥିବା ଏକ ତଥ୍ୟରୁ ଜଣାପଡିଛି। ତେବେ ଏସବୁକୁ ନଜରରେ ରଖି ରାଜ୍ୟ ସରକାର କେତେକ ପଦକ୍ଷେପ ନେଇଥିବାରୁ ବର୍ତ୍ତମାନ ସ୍ଥିତିରେ କିଛିଟା ସୁଧାର ଆସିଛି। ବଣ୍ଡା ଜନଜାତିର ଶିକ୍ଷା ସ୍ୱାସ୍ଥ୍ୟ , ଜୀବନ ଜିବିକା ପାଇଁ ସରକାର ୧୯୯୬ରୁ ବଣ୍ଡା ଡେଭଲପମେଣ୍ଟ ସୋସାଇଟି ଗଠନ କରିଛନ୍ତି। ସ୍ୱାସ୍ଥ୍ୟସେବା ନିମନ୍ତେ ମୁଦୁଲିପଡା ଥରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ବଣ୍ଡା ରମଣିଙ୍କ ଗର୍ଭଧାରଣଠାରୁ ପ୍ରସବ ପର୍ଯ୍ୟନ୍ତ ବିଭିନ୍ନ ଗ୍ରାମରେ ଆଶା ଓ ଅଙ୍ଗନୱାଡି କର୍ମୀ ତଦାରଖ କରୁଛନ୍ତି। ସଚେତନ ଅଭାବରୁ ପରିବାର ନିୟୋଜନରୁ ଏମାନେ ଦୂରେଇ ରହୁଛନ୍ତି। କାର୍ଯ୍ୟ କରୁଥିବା ଆଶାକର୍ମୀ ଓ ଅଙ୍ଗନୱାଡି କର୍ମୀ ନିୟମିତ ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ରନ୍ଧା ଖାଦ୍ୟ, ଛତୁଆ ଦେଉନ୍ତି। ସେମାନଙ୍କ ପିଲାଙ୍କୁ ଅଙ୍ଗନୱାଡ଼ି କେନ୍ଦ୍ରକୁ ଆଣି ପାଠ ପଢାଉଛନ୍ତି। ସରକାରଙ୍କ ବିଭିନ୍ନ ପଦକ୍ଷେପ ଯୋଗୁ ଉକ୍ତ ଅଞ୍ଚଳରେ ବିକାଶ ଘଟିଛି ସତ, ମାତ୍ର ଏମାନଙ୍କୁ ଆହୁରି ଅଧିକ ସଚେତନତା କରିବାର ଅବଶ୍ୟକତା ରହିଛି।

# କୃଷକ ପଞ୍ଜୀକରଣ ନେଇ ସଚେତନତା ଜରୁରୀ


ବୈଠକରେ ଅତିଥି, ଚାଷୀ ଓ ଅନ୍ୟମାନେ ।

ତେନ୍ତୁଳିଖୁଣ୍ଟି, ୮।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକରେ ଏକ ବୈଠକ କରାଯାଇଛି। ଜନ ସଙ୍ଗଠନ ମହିଳା ଜନସୁରକ୍ଷା ମଞ୍ଚ ପକ୍ଷରୁ ଓଡ଼ିଶା ଶ୍ରମଜୀବୀ ମଞ୍ଚ ଓ ଆତ୍ମଶକ୍ତି ଟ୍ରଷ୍ଟ ଦିଗ୍‌ଦର୍ଶନରେ ତେନ୍ତୁଳିଖୁଣ୍ଟି ବ୍ଲକର ଲମତାଗୁଡ଼ା, ଦିଗି, ତେନ୍ତୁଳିଖୁଣ୍ଟି, ମଞ୍ଜାଗାଁ ଓ ଦେଓପାଲି ପଞ୍ଚାୟତ ଅଧୀନ ଗ୍ରାମରେ କୃଷକ ଓଡ଼ିଶା ଓ ସଫଳ ପୋର୍ଟାଲରେ କୃଷକମାନଙ୍କ ରେଜିଷ୍ଟ୍ରେଶନକୁ ନେଇ ଏକ ସର୍ଭେ କରାଯାଇଥିଲା । ପ୍ରତି ଗ୍ରାମରେ ୧୦୦ଜଣ ଚାଷୀଙ୍କୁ ନେଇ ସର୍ଭେ କରାଯାଇଥିଲା। ସର୍ଭେର ଫଳ ନୈରାଶ୍ୟଜନକ। ଯଦି ଚାଷୀ ପଞ୍ଜୀକରଣ କରିବେ ନାହିଁ ତା'ହେଲେ ସରକାରଙ୍କ ବିଭିନ୍ନ କୃଷି ସମ୍ପର୍କିତ ସାହାଯ୍ୟ ସହଯୋଗରୁ ବଞ୍ଚିତ ହେବା ସୁନିଶ୍ଚିତ। ଆଗାମୀ ରବିଚାଷ ନିମନ୍ତେ ବିହନ ତଥା କୀଟନାଶକ ଓ କୃଷିଭିତ୍ତିକ ଉପକରଣ ପାଇବାରେ ବାଧାସୃଷ୍ଟି ହେବ। ଏଣୁ ସରକାର ଏହାର ଠିକ୍ ବ୍ୟବସ୍ଥା କଲେ ତଥା ଗ୍ରାମ ଗ୍ରାମରେ କ୍ୟାମ୍ପ କରି ସମସ୍ତ ଚାଷୀଙ୍କ ପଞ୍ଜୀକରଣକୁ ସୁନିଶ୍ଚିତ କଲେ ଚାଷୀ ଉପକୃତ ହୋଇପାରିବେ ବୋଲି ବୈଠକରେ ଆଲୋଚନା ହୋଇଛି। ଆଗାମୀ ଦିନରେ ଏହି ବିଷୟକୁ ସଂଗଠନ ବ୍ଲକ, ଜିଲା ଓ ରାଜ୍ୟସ୍ତରରେ ସ୍ମାରକପତ୍ର ମାଧମରେ ସରକାରଙ୍କ ପାଖରେ ଉପସ୍ଥାପନ କରିବା ପାଇଁ ଯୋଜନା ପ୍ରସ୍ତୁତ କରିଛି। କାର୍ଯ୍ୟକ୍ରମକୁ ସଂଗଠନ କର୍ମୀ ଦିଲୀପ କୁମାର ଛତ୍ରିଆ, ଅନିଲ ଖୁରା, ମଞ୍ଜୁମଣୀ ଖରା, ତ୍ରିଲୋଚନ ବାଘ ପରିଚାଳନା କରିଥିଲେ।

# ପାଣିଟାଙ୍କିରେ ମାଛଚାଷ

ବୈପାରିଗୁଡା,୮।୧୧ (ଡି.ଏନ୍.ଏ)


ଲବ କରିଥିବା ମାଛଚାଷ ଦେଖାଉଛନ୍ତି।

**ଆଦିବାସୀ ଯୁବକ ଲବଙ୍କ ନିଆରା ପ୍ରୟାସ**

ଚାଷୀଙ୍କ ବିକାଶ ପାଇଁ ସରକାରଙ୍କ ଅନେକ ଯୋଜନା ରହିଛି । ମାତ୍ର ସେସବୁ ଦୁର୍ଗମ ଆଦିବାସୀ ଅଞ୍ଚଳରେ ପହଞ୍ଚିପାରୁନି। ମାଛଚାଷ ହେଉଛି ଏହାର ଏକ ଉଦାହରଣ। ସେମାନଙ୍କ ପାଖରେ ପୋଖରୀ ନାହିଁ କି ସମ୍ବଳ ନାହିଁ। ମାତ୍ର ଇଛାଶକ୍ତି ରହିଛି। ଏପରି ଜଣେ ଯୁବକ ହେଉଛନ୍ତି ଲବଖିଲ (୩୫)। ସେ ଏକ ସିମେଣ୍ଟ ଟାଙ୍କିରେ ମାଗୁର ମାଛ ଚାଷ କରି ଅନ୍ୟମାନଙ୍କ ପାଇଁ ଦୃଷ୍ଟାନ୍ତ ପାଲଟିଛନ୍ତି। ତାଙ୍କ ଘର ବୈପାରିଗୁଡା ବ୍ଲକ ଅନ୍ତର୍ଗତ କାଠପଡା ପଞ୍ଚାୟତର ନିଶିନାଗୁଡା ଗ୍ରାମରେ। ଏଠାରୁ ପ୍ରାୟ ୧୦ କିମି ଦୂର ବୈପାରିଗୁଡା–ମାଲକାନାଗିରି ମୁଖ୍ୟ ରାସ୍ତାର ବାମ ପାର୍ଶ୍ୱରେ ପଡେ ନିଶନାଗୁଡା ଗ୍ରାମ। ଗ୍ରାମରେ ରହନ୍ତି ୧୦ରୁ୧୩ଟି କନ୍ଧ ପରିବାର । ସମସ୍ତଙ୍କ ଆର୍ଥିକ ଅବସ୍ଥା ଭଲ ନାହିଁ। ଅଧିକାଂସ ଜଙ୍ଗଲରୁ ଅଙ୍ଗାର ପୋଡି ତାହା ବଜାରରେ ବିକି ଚଳନ୍ତି। ଆଦିବାସୀ ଯୁବକ ଲବ ଏକ ଦୋକାନ କରିଛନ୍ତି। ଏଥିସହ ସେ ଅଟୋ ଡ୍ରାଇଭର ଭାବେ ମଧ କାମ କରନ୍ତି। ତାଙ୍କର ଥିବା ଡିଜେଲ ଚାଳିତ ମିଲ୍ ପଛକୁ ଲାଗି ସେ ଗୋଟିଏ ପାର୍ଶ୍ୱରେ ଏକ ସିମେଣ୍ଟ ଟାଙ୍କି କରିଛନ୍ତି। ଏହି ଟାଙ୍କିରେ ସେ ଗତ ୭ ବର୍ଷ ହେବ ମାଗୁର ମାଛଚାଷ କରୁଛନ୍ତି। ପ୍ରତି ବର୍ଷ ସେ ମାଗୁର ଯାଆଁଳ ଛାଡିଥାନ୍ତି। ବର୍ଷକ ପରେ ତାହା ଧରି ବିକ୍ରି କରିଥାନ୍ତି। ବର୍ଷକ ମଧ୍ୟରେ ଏହି ମାଗୁର ପ୍ରାୟ ୧ କିଲୋରୁ ୨ କିଲୋ ପର୍ଯ୍ୟନ୍ତ ବଢିଥାନ୍ତି। ଲବ ଏହାକୁ କିଲୋ ପିଛା ୧୩୦ରୁ ୧୫୦ ଟଙ୍କା ମଧ୍ୟରେ ବିକ୍ରି କରନ୍ତି। ଦଶହରା ସମୟରେ ସ୍ଥାନୀୟ ଅଞ୍ଚଳର ଲୋକେ ଲବଙ୍କଠାରୁ ମାଗୁର କିଣି ଠାକୁରାଣୀଙ୍କ ପାଖରେ ବଳି ଦେଇଥାନ୍ତି। ତେବେ ଏହି ପାଣି ଟାଙ୍କିରେ ଲବ କେବଳ ଥରଟିଏ ମାତ୍ର ନିକଟସ୍ଥ ନଳକୂପରୁ ପାଣି ଆଣି ଭର୍ତ୍ତି କରିଥାନ୍ତି। ପରେ ଆଉ ପାଣି ବଦଳେଇ ନ ଥାନ୍ତି। ମାଛ ମାନଙ୍କ ପାଇଁ ଖାଦ୍ୟ ପାଇଁ ବଜାରର ଚିକେନ୍ ଦୋକାନର ବର୍ଜ୍ୟବସ୍ତୁ ଅଥବା ବେକେରି ଦୋକାନରୁ ଖରାପ ପାଉଁରୁଟି ଆଣି ବ୍ୟବହାର କରିଥାନ୍ତି। ମାଛଚାଷ କାରଣ ସଂପର୍କରେ ଲବ କହନ୍ତି, ୮ ବର୍ଷ ତଳେ ନିଜ ପିଲାଙ୍କ ଜାତି ପ୍ରମାଣପତ୍ର କାମରେ ବୈପାରିଗୁଡା ତହସିଲ୍ ଅଫିସକୁ ଯାଇଥିଲି। ସେତେବେଳେ ତତ୍କାଳିନ ତହସିଲଦାର ଅଫିସ୍ ନିକଟରେ ସୌଖିନିରେ ଏପରି ପାଣି ଟାଙ୍କିରେ ମାଗୁର ଛାଡୁଥିବା ସେ ଦେଖିଥିଲି । ଏଥିରେ ଅନୁପ୍ରାଣିତ ହୋଇ ନିଜ ଘର ଅଗଣାରେ ସେହିପରି ପାଣି ଟାଙ୍କିଟିଏ କରିଥିଲି । ମାତ୍ର ମାଛଯାଁଳ କେଉଁଠୁ ଆଣିବି ଚିନ୍ତା କରୁଥିବାବେଳେ ମାଲକାନାଗିରି ଜିଲାର ଜଣେ ବଙ୍ଗୀୟ ମାଛଚାଷୀ ମୋ ଆଗ୍ରହ ଦେଖି ଯାଆଁଳ ଯୋଗାଇ ଥିଲେ ବୋଲି ଲବ କହନ୍ତି। ସବୁ ଖର୍ଚ୍ଚବାଦେ ବର୍ଷକୁ ପ୍ରାୟ ୫ ହଜାର ଟଙ୍କା ଏଥିରୁ ତାଙ୍କର ରୋଜଗାର ହୋଇଥାଏ। ତାଙ୍କର କୌଣସି ରାଜସ୍ୱ ଜମି ନ ଥିବାବେଳେ ନିକଟରେ ତାଙ୍କୁ ୨ ହେକ୍ଟର ଜଙ୍ଗଲ ଜମି ପଟ୍ଟା ମିଳିଛି । ଏହି ଜମିରେ ମାଗୁର ଚାଷ ପାଇଁ ସରକାରୀ ପ୍ରୋତ୍ସାହନ ମିଳିଲେ ସେ ଆଗକୁ ବଢି ପାରନ୍ତେ ବୋଲି ପ୍ରକାଶ କରିଛନ୍ତି।

# ପୂର୍ବତନ ମନ୍ତ୍ରୀ ରଘୁନାଥ ପଟ୍ଟନାୟକଙ୍କ ଜୟନ୍ତୀ

ଜୟପୁର, ୮।୧୧(ନି.ପ୍ର.)

ରାଜ୍ୟର ପୂର୍ବତନ ମନ୍ତ୍ରୀ ରଘୁନାଥ ପଟ୍ଟନାୟକଙ୍କ ୯୩ତମ ଜୟନ୍ତୀ ଜୟପୁର ଯାଦବ ଭବନରେ ପାଳିତ ହୋଇଯାଇଛି। ଉତ୍କଳ ସମ୍ମିଳନୀ କୋରାପୁଟ ଜିଲା ଶାଖା ପକ୍ଷରୁ ପାଳିତ ଏହି ସ୍ମୃତି ସଭାରେ ଅନେକ ବକ୍ତା ଯୋଗ ଦେଇ ତାଙ୍କ ଜୀବନୀ ସମ୍ପର୍କରେ ଆଲୋଚନା କରିଥିଲେ। ଜୟପୁର ଆଇନ ମହାବିଦ୍ୟାଳୟକୁ ରଘୁନାଥଙ୍କ ନାମରେ ନାମିତ କରିବାକୁ ମତ ପ୍ରକାଶ ପାଇଥିଲା। ଏହି ସଭାରେ ଜିଲା ସଭାପତି ମଦନମୋହନ ନାୟକ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଉପଦେଷ୍ଟା ବିନୋଦ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଗୁପ୍ତେଶ୍ୱର ଦଣ୍ଡସେନା, ସରକାରୀ ଅଧିବକ୍ତା ବିଷ୍ଣୁ ପ୍ରସାଦ ପାତ୍ର ମଞ୍ଚାସୀନ ଅତିଥିଭାବେ ଯୋଗ ଦେଇଥିଲେ। ଏଥିରେ ଆଇନଜୀବୀ ଶିଶିର ମିଶ୍ର, ବାଲା ରାୟ, ଦେବେନ୍ଦ୍ର ବାହିନୀପତି, ଦୁର୍ଗା ଶତପଥୀ, ପ୍ରତାପ ମାଦଳା, ଅତୁଲ୍ୟ ପଟ୍ଟନାୟକ, ଗିରିଧର ଖରା, ହରିସ ମୁଦୁଲି, ରାଜେନ୍ଦ୍ର ଗୌଡ଼, ବୁନୁ ରଥ, ଚନ୍ଦ୍ରକାନ୍ତ ସୁତାର, ନରେଶ ମହାକୁଲ, ଅଜିତ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଧୀରେନ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋକଙ୍କ ଆବଶ୍ୟକତା ମେଣ୍ଟାଇପାରୁନି ପାନୀୟ ଜଳ ପ୍ରକଳ୍ପ

ଗୁଣପୁର,୮।୧୧(ଡି.ଏନ୍.ଏ.)

- ୧୫ଦିନରେ ୫ଦିନ ପାଣି ଯୋଗାଣ ବନ୍ଦ
- ଲୋକେ ହନ୍ତସନ୍ତ, ସମସ୍ୟା ସମାଧାନ ଦାବି

ରାୟଗଡ଼ା ଜିଲା ଗୁଣପୁର ସହରରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଗତ ୧୫ ଦିନରେ ୫ ଦିନ ଗୁଣପୁର ସହରର ଜଳ ଯୋଗାଣ ବନ୍ଦ ରହିଛି। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଗ୍ରାମାଞ୍ଚଳଠାରୁ ସହରରେ ପାନୀୟ ଜଳ ଯୋଗାଣ ସମସ୍ୟା ଗୁରୁତର ହୋଇପଡିଛି। ଅଭିଯୋଗ କଲେ ମଧ ସୁଫଳ ମିଳୁନାହିଁ। ଏବେ ୨ଦିନ ଧରି ସହରର ପାନୀୟ ଜଳ ଯୋଗାଣ ଠପ୍ ହୋଇପଡ଼ିଛି। ପ୍ରଶାସନ ନା ବିଭାଗ ଏଥିପ୍ରତି କାହାର ନଜର ପଡୁନାହିଁ।

ଗୁଣପୁର ପୌର ପରିଷଦର ଅସ୍ଥାୟୀ କଲୋନୀ, ଗୋପାଳନଗର, ଶେଖର ନଗର, ରାମେଶ୍ୱର ନଗର, ମରାଠିଗୁଡ଼ା, ହାଉସିଂ ବୋର୍ଡ ଭଳି ଅନେକ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ପ୍ରକଳ୍ପ ଜରିଆରେ ଲୋକଙ୍କୁ ପାନୀୟ ଜଳ ଯୋଗାଇବା ଲକ୍ଷ୍ୟରେ କତାଲୁଗୁଡାରେ ୮କୋଟି ଟଙ୍କା ଉର୍ଦ୍ଧ୍ୱ ବ୍ୟୟରେ ୨୦୧୩ରୁ ଏକ ପ୍ରକଳ୍ପ କାର୍ଯ୍ୟକ୍ଷମ ହୋଇଥିଲା। ଏହା ଲୋକଙ୍କ ପାଇଁ ସହାୟକ ହୋଇପାରୁନାହିଁ। ସମସ୍ତ ଅଞ୍ଚଳକୁ ଏହି ପ୍ଲାଣ୍ଟ ପାଣି ଠିକ୍ ଭାବେ ଯୋଗାଇପାରୁନାହିଁ। କେଉଁଠାକୁ ପାଣି ଯାଉଛି ତ କେଉଁଠିକୁ ନାହିଁ। କେବେ ଆସୁଛି ତ କେବେ ପାଣି ଆସୁନାହିଁ। ପାଣି ଛଡ଼ାଯିବାର ନିର୍ଦ୍ଧାରିତ ସମୟ ନାହିଁ। ବେଳେବେଳେ ପାଣି ମଧ ବିଲ୍‌କୁଲ୍ ଆସୁନାହିଁ। ପାଣି ପାଇଁ ଅପେକ୍ଷା କରି ଲୋକେ ନାନା ହଇରାଣ ହରକତ ହେଉଛନ୍ତି। ଦିନକୁ ସକାଳେ ୩ ଘଣ୍ଟା ଏବଂ ଉପରବେଳା ୨ ଘଣ୍ଟା ଜଳ ଯୋଗାଣ ନିୟମ ରହିଥିଲେ ମଧ ଦିନରେ ଗୋଟିଏ ଓଳି ପାଣି ମିଳିବା ମୁସ୍କିଲ ହୋଇପଡୁଛି। ଏହାର ସମାଧାନ ନେଇ ବିଭାଗ ପକ୍ଷରୁ କିନ୍ତୁ କୌଣସି ବ୍ୟବସ୍ଥା କରାଯାଉନାହିଁ। ଅପରପକ୍ଷେ ସରକାରଙ୍କ ପକ୍ଷରୁ ପ୍ରତି ବର୍ଷ ପାଣି ପାଇଁ ବିଲ୍ ବୃଦ୍ଧିକରାଯାଉଛି। ହେଲେ ପାଣି ଯୋଗାଣ ଠିକ୍ ଭାବେ କରାଯାଉନାହିଁ, ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏବେ ଯଦି ଏଭଳି ସ୍ଥିତି, ଆଗକୁ ଖରା ଦିନରେ ସ୍ଥିତି କ'ଣ ହେବ ତାହା ସହଜେ ଅନୁମେୟ। କତାଲୁଗୁଡ଼ାର ୱାର୍ଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ଲୋକଙ୍କ ଆବଶ୍ୟକତା ପୂରଣ କରିପାରୁନାହିଁ। ତେଣୁ ପାନୀୟ ଜଳ ଯୋଗାଣ ପାଇଁ ସ୍ଥାୟୀ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଦାବି ପୂରଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ବିଭାଗର ସହକାରୀ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରାଯିବାରୁ ସେ ଆସିବା ପୂର୍ବରୁ ଯେଉଁ ସମସ୍ୟା ଥିଲା ତାହାର ସମାଧାନ ପାଇଁ ମରାମତି କାର୍ଯ୍ୟ କରାଯାଉଛି ବୋଲି କହିଛନ୍ତି।

# ଦିବ୍ୟ ଦର୍ଶନ ସଂଘର ଚତୁର୍ବିଂଶ ସାଧନା ଶିବିର

ପଦ୍ମପୁର, ୮।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲା ରାମନାଗୁଡା ବ୍ଲକ ଅଧୀନ ଅନ୍ତରଝୋଲି (ଗୁମୁଡା)ରେ ସଦ୍‌ଗୁରୁ ଶ୍ରୀ ଶ୍ରୀ ଅର୍ଜ୍ଜୁନଙ୍କ ପ୍ରତିଷ୍ଠିତ ଦିବ୍ୟ ଦର୍ଶନ ସଂଘର ଚତୁର୍ବିଂଶ ସାଧନା ଶିବିର ଅନୁଷ୍ଠିତ ହୋଇଛି। ସଂଘର କେନ୍ଦ୍ରୀୟ କମିଟି ସଭାପତି ଗୁରୁଦୀପ ଭାଇଙ୍କ ଦାରା ପ୍ରଦୀପ ପ୍ରଜ୍ୱଳନ କରାଯାଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରାଯାଇଛି। ସମ୍ପାଦକ କେଶବ ଭାଇ ସଂଘ ସମ୍ପର୍କରେ ଆଲୋଚନା କରିଥିଲେ। ସନ୍ଧ୍ୟା ଅଧୀବେଶନରେ ଗୁରୁ ପ୍ରତିନିଧି ବିଶ୍ୱନାଥ ଭାଇ, 'କର୍ମଫଳ ଓ ଜନ୍ମାନ୍ତରବାଦ' ଓ ଉପସଭାପତି ରବିନ୍ଦ୍ରନାଥ ଭାଇଙ୍କ 'ସତ୍ୟ ସ୍ୱୟଂ ପ୍ରକାଶ' ବିଷୟରେ ଆଲୋଚନା କରାଯାଇଛି। ଦ୍ୱିତୀୟ ଦିବସରେ ପ୍ରାତଃ ଯୋଗ ଓ ପ୍ରାଣାୟାମ ଶିକ୍ଷା ଦିଆଯାଇଥିଲା। ପୂର୍ବାହ୍ନ ଅଧିବେଶନରେ ଶିବିରରେ ସାମିଲ ସଦସ୍ୟଙ୍କୁ ୧୦ଟି ଦଳରେ ଭାଗ କରି ସଦ୍‌ଗୁରୁଙ୍କ ପ୍ରଦତ୍ତ ବହୁ ବିଷୟ ଉପରେ ଦଳଗତ ଆଲୋଚନା କରାଯାଇଛି। ଅପରାହ୍ନରେ ଗୁଡିଆବନ୍ଧରେ ବିଧାୟକ ପାଣ୍ଠି ଅନୁଦାନରେ ଗଠିତ ଦିବ୍ୟ ଦର୍ଶନ ଗୋଷ୍ଠୀକେନ୍ଦ୍ରର ଶୁଭଉଦ୍‌ଘାଟନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଅନୁସୂଚିତ ଜାତି ଜନଜାତି, କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାସ, ଗୁଣପୁର ବିଧାୟକ ରଘୁନାଥ ଗମାଙ୍ଗ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଜିଲା ପରିଷଦ ଅଧକ୍ଷା ସରସ୍ୱତୀ ମାଝି, ସ୍ୱତନ୍ତ୍ର ବିକାଶ ପରିଷଦ ଅଧକ୍ଷା ଅନୁସୂୟା ମାଝି, ପଦ୍ମପୁର ପଞ୍ଚାୟତ ସମିତି ଚେୟାରମ୍ୟାନ ମଣିମାଳା ଶବର, ଗୁଡିଆବନ୍ଧ ସରପଞ୍ଚ ସୁଭଦ୍ରା ଶବର, ଜିଲା ବିଜେଡି ସାଧାରଣ ସମ୍ପାଦକ ଗଗନ ଆଚାର୍ଯ୍ୟଙ୍କ ସମେତ ବହୁ ପ୍ରମୁଖ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ଅଚଳ ଟ୍ରାଫିକ୍ ସିଗ୍‌ନାଲ, ସିସିଟିଭି

ରାୟଗଡ଼ା ଅଫିସ,୮।୧୧

**ରାୟଗଡ଼ା ସହରରେ ବଢୁଛି ଟ୍ରାଫିକ୍ ସମସ୍ୟା, ଅପରାଧ**




ରାୟଗଡ଼ା ସହର ଏକ ବ୍ୟବସାୟିକ ପେଣ୍ଠସ୍ଥଳୀ ରୂପେ ପରିଚିତ। ଦିନକୁ ଦିନ ଜନସଂଖ୍ୟା ବଢୁଛି। ହେଲେ ଏହାକୁ ଦୃଷ୍ଟିରେ ରଖି ଟ୍ରାଫିକ ବ୍ୟବସ୍ଥାରେ ସୁଧାର ଆସୁନାହିଁ। ସହରରେ ଟ୍ରାଫିକ ବ୍ୟବସ୍ଥା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ। ନାଁକୁ ମାତ୍ର ଲାଗିଛି ଟ୍ରାଫିକ୍ ସିଗ୍‌ନାଲ। ଗଳିକନ୍ଦିଠାରୁ ଆରମ୍ଭକରି ସମସ୍ତ ମୁଖ୍ୟ ସଡ଼କ ଏବଂ ଜାତୀୟ ରାଜପଥରେ ଟ୍ରାଫିକ୍ ପରିଚାଳନା ବାଟବଣା ହୋଇଛି। ସହରର ମୁଖ୍ୟ ଛକଗୁଡ଼ିକରେ ଟ୍ରାଫିକ୍ ସିଗ୍‌ନାଲ ରହିଥିଲେ ମଧ ଅଧିକାଂଶ ସମୟରେ ତାହା କାମ କରୁନାହିଁ। ଫଳରେ ଜନସାଧାରଣ ମଧ ଅମାନିଆ ଭାବେ ଯାତାୟାତ କରୁଛନ୍ତି। ସେହିଭଳି ସହରରେ ଅପରାଧ ନିୟନ୍ତ୍ରଣ ପାଇଁ ଲାଗିଥିବା ସିସି କ୍ୟାମେରା ମଧ କାମ କରୁ ନ ଥିବା ଜଣାପଡ଼ିଛି।

ସହରର କପିଳାସ ଛକ ଓ ଷ୍ଟେଶନ ଛକ ନିକଟରେ ଲାଗିଥିବା ସିଗ୍‌ନାଲ ଏବଂ କ୍ୟାମେରା କାମ କରୁଥିବା ବେଳେ ତହସିଲ ଛକ, ହୋଟେଲ ସାଇ ଇଣ୍ଟରନ୍ୟାଶନାଲ ଛକ, ଜିଲାପାଳଙ୍କ ବାସଭବନ ଛକ ନିକଟରେ ରହିଥିବା ସିଗ୍‌ନାଲ ଦୀର୍ଘଦିନ ହେଲା କାମ କରୁନାହିଁ। କୋରାପୁଟ ଛକ ନିକଟରେ ରହିଥିବା ସିଗ୍‌ନାଲ ଲାଇଟ୍‌ର କିଛି ଅଂଶ ଖରାପ ହୋଇଯାଇଥିବା ବେଳେ ତାହା ବର୍ତ୍ତମାନ ସୁଦ୍ଧା ମରାମତି ହୋଇନାହିଁ। ଲକ୍ଷାଧିକ ଟଙ୍କା ବ୍ୟୟରେ ଲଗାଯାଇଥିବା ସିଗ୍‌ନାଲ ଲାଇଟ୍ ଏବଂ ସିସି କ୍ୟାମେରା ଅବସ୍ଥା ଧୀରେ ଧୀରେ ନଷ୍ଟ ହେଲାଣି। ସିଗ୍‌ନାଲ ଲାଇଟ୍‌ଗୁଡ଼ିକର ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ସେଗୁଡ଼ିକ ଅଚଳ ହୋଇପଡୁଛି। ଫଳରେ ଟ୍ରାଫିକ୍ ବ୍ୟବସ୍ଥା ନିୟନ୍ତ୍ରଣ କରିବା ପୋଲିସ କର୍ମଚାରୀଙ୍କ ପାଇଁ ମଧ କଷ୍ଟକର ହୋଇପଡୁଛି। ମୁଖ୍ୟତଃ ସହର ଦେଇ ଯାଇଥିବା ୩୨୬ ନଂ. ଜାତୀୟ ରାଜପଥରେ ଟ୍ରାଫିକ୍ ନିୟନ୍ତ୍ରଣ ସବୁଠୁ ଅଧିକ କଷ୍ଟକର ହୋଇପଡ଼ିଛି। ଉକ୍ତ ସିଗ୍‌ନାଲଗୁଡ଼ିକ ମରାମତି ହୋଇ କିଛିଦିନ ଚାଲିବା ପରେ ପୁଣି ବନ୍ଦ ହେଉଛି। ଏହାକୁ ପୁନଃ ମରାମତି କରିବା ନେଇ ପୌର ପ୍ରଶାସନ କିମ୍ବା ପୋଲିସ ପ୍ରଶାସନ କାହାରି ତତ୍ପରତା ଦେଖିବାକୁ ମିଳୁନାହିଁ।

ରାୟଗଡ଼ା ସହରରେ ସିଗ୍‌ନାଲ ଲାଇଟ୍ ଲଗାଯିବା ପରେ ସହରର ସୁରକ୍ଷା ଏବଂ ଅପରାଧ ନିୟନ୍ତ୍ରଣ ପାଇଁ ସିସି କ୍ୟାମେରା ମଧ ଖଞ୍ଜାଯାଇଥିଲା। ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା(ଆଇଟିଡିଏ) ପକ୍ଷରୁ ପ୍ରାୟ ୧କୋଟି ଟଙ୍କା ବ୍ୟୟ ଅଟକଳରେ ଏହି କ୍ୟାମେରା ଖଞ୍ଜାଯାଇଥିଲା। ହେଲେ ଏହା ଲାଗିବାର କିଛି ମାସ ପରଠାରୁ ଅଚଳ ହୋଇଥିଲେ ମଧ ମରାମତି ହୋଇପାରୁନାହିଁ। ଏହି କାରଣରୁ ସହରରେ ଦିନକୁ ଦିନ ଚୋରି ଏବଂ ଅନ୍ୟ ଅପରାଧ ବଢ଼ିବାରେ ଲାଗିଛି। ଅଭିଯୁକ୍ତମାନଙ୍କୁ ଧରିବା ମଧ ପୋଲିସ ପାଇଁ ଚ୍ୟାଲେଞ୍ଜ ହେଉଛି। ସହରରେ ଟ୍ରାଫିକ ବ୍ୟବସ୍ଥା ସୁଚାରୁ ରୂପେ ପରିଚାଳନା ନିମନ୍ତେ ପୋଲିସ ବିଭାଗରେ ୮ ଜଣ ପ୍ରଶିକ୍ଷିତ କର୍ମଚାରୀ ରହିଥିବା ବେଳେ ସିଗ୍‌ନାଲ ଲାଇଟ୍ କାମ କରୁ ନ ଥିବାରୁ ସେମାନଙ୍କୁ ନାକେଦମ୍ ହେବାକୁ ପଡୁଛି । ଏହି ସିଗ୍‌ନାଲ ଲାଇଟ କାର୍ଯ୍ୟକାରୀ ନେଇ ରାୟଗଡ଼ା ଏସ୍‌ଡିପିଓ ଦେବଜ୍ୟୋତି ଦାସଙ୍କୁ ପଚାରିବାରୁ ସେ କହିଛନ୍ତି, ସିଗ୍‌ନାଲଗୁଡ଼ିକର ମରାମତି ପାଇଁ ପୌର ବିଭାଗକୁ ସୂଚନା ଦିଆଯାଇଛି। ଅନ୍ୟପକ୍ଷରେ ସିଗ୍‌ନାଲ ଲାଇଟ୍ ଜଳୁ ନ ଥିବା ନେଇ ପୌର ନିର୍ବାହୀ ଅଧିକାରୀ ୟାସିର ବିଲାଲ ଅହମ୍ମଦଙ୍କୁ ପଚାରିବାରୁ ସେ କହିଛନ୍ତି, ସବୁ ସିଗ୍‌ନାଲ ଲାଇଟ୍ ଠିକ୍ ଅଛି। ତହସିଲ ଛକ ନିକଟସ୍ଥ ସିଗ୍‌ନାଲ୍ ଲାଇଟ୍‌କୁ କିଛିଦିନ ତଳେ ଏକ ଟ୍ରକ୍ ଧକ୍କାଦେବା ଫଳରେ ଖରାପ ହୋଇଥିବା ସେ କହିଛନ୍ତି। ତେବେ ଟ୍ରାଫିକ୍ ସିଗ୍‌ନାଲ ଲାଇଟ୍ ଏବଂ ସିସି କ୍ୟାମେରାଗୁଡ଼ିକର ଅଚଳାବସ୍ଥା ଯୋଗୁ ଟ୍ରାଫିକ୍ ସମସ୍ୟା ଜଟିଳ ହେବା ସହ ଅପରାଧ ବଢୁଛି। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।

**ସଂକ୍ଷେପରେ**

## କୃଷି ବିଭାଗ ପକ୍ଷରୁ ମାଣ୍ଡିଆ ଦିବସ ପାଳନ

ମାଲକାନଗିରି, ୮।୧୧(ଡି.ଏନ.ଏ.)- ମାଲକାନଗିରି ଜିଲାରେ ମଙ୍ଗଳବାର କୃଷି ବିଭାଗ ପକ୍ଷରୁ ମାଣ୍ଡିଆ ଦିବସ ପାଳନ କରାଯାଇଛି। ଜିଲା ସଦରରେ ଥିବା ଟାଗୋର ସୋସାଇଟିଠାରେ କୃଷି ଅଧିକାରୀ ଏନଆର ହାୟଗ୍ରୀବାଙ୍କ ଉପସ୍ଥିତରେ ଏହି ଦିବସ ପାଳନ କରାଯାଇଥିଲା। ଏହି ଅବସରରେ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଥିଲା। ଏହି ରଥ ଜିଲାର ପ୍ରତ୍ୟେକ ପଞ୍ଚାୟତରେ ପହଞ୍ଚି ଲୋକଙ୍କୁ ମାଣ୍ଡିଆର ସୁଫଳ ଓ ଏହାର ଚାଷ ସମ୍ପର୍କରେ ଅବଗତ କରାଇବ। ଏହି ଅବସରରେ ଜିଲାର ଅନ୍ୟାନ୍ୟ ସ୍ଥାନରେ ୫ଟି ସଚେତନତା ରଥର ଉଦ୍‌ଘାଟିତ ହୋଇଛି।

## ଶାବର ଶ୍ରୀକ୍ଷେତ୍ରରେ କାର୍ତ୍ତିକ ପୂର୍ଣ୍ଣିମା,ବୋଇତ ବନ୍ଦାଣ ଉତ୍ସବ

### ମହାପ୍ରଭୁଙ୍କ ରାଜାରାଜେଶ୍ୱର ବେଶ



କୋରାପୁଟ,୮।୧୧(ସ୍ୱ.ପ୍ର)- ମଙ୍ଗଳବାର ଚନ୍ଦ୍ରଗହଣ ଯୋଗୁ କୋରାପୁଟସ୍ଥିତ ଶାବର ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କ ପୂଜାର୍ଚ୍ଚନା ଓ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ବଢ଼ିଭୋର ଅର୍ଥାତ ୫ଟା ମଧ୍ୟରେ ଶେଷ ହୋଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଓ ଜିଲା ବାହାର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ରାତି ୨ଟାରୁ ସ୍ଥାନୀୟ ନରେନ୍ଦ୍ର ସରୋବରରେ ଶ୍ରଦ୍ଧାଳୁମାନେ ପୂଜାର୍ଚ୍ଚନା ସହ ବୋଇତ ବନ୍ଦାଣ କରୁଥିବା ଦେଖିବାକୁ ମିଳିଥିଲା। ଶାବର ଶ୍ରୀକ୍ଷେତ୍ରରେ ମଧ୍ୟ ରାତି ୩ଟାରୁ ମନ୍ଦିର ଦ୍ୱାର ଫିଟାଯାଇ ସମସ୍ତ ନୀତି ବଢ଼ିବା ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ମନ୍ଦିର ଖୋଲିଥିଲା। ଏହି ଅବସରରେ ମହାପ୍ରଭୁଙ୍କୁ ରାଜାରାଜେଶ୍ୱରୀ ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶ ଦର୍ଶନ କଲେ ସମସ୍ତ ପାପ ଖଣ୍ଡନ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଠାକୁରଙ୍କ ଏହି ବେଶକୁ ଦେଖିବା ପାଇଁ ମନ୍ଦିର ପରିସରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ମନ୍ଦିର ପରିଚାଳନା କମିଟି ପକ୍ଷରୁ ଭୋର ୪ଟାରେ ନରେନ୍ଦ୍ର ସରବାରରେ ଏକ ବୋଇତକୁ ପୂଜାର୍ଚ୍ଚନା କରାଯାଇ ଭସାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରାମେଶ୍ୱର ପ୍ରଧାନ ମୁଖ୍ୟଅତିଥିଭାବେ ଯୋଗ ଦେଇଥିଲେ। ମନ୍ଦିର ପରିଚାଳନା କମିଟି ସଂପାଦକ ଜଗବନ୍ଧୁ ସାମଲଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ। ଜନ ସମାଗମକୁ ଦୃଷ୍ଟିରୁ ମ୍ୟୁନିସିପାଲିଟି ପକ୍ଷରୁ ଏଠାରେ ଆଲୋକ ବ୍ୟବସ୍ଥା କରାଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ଲାଗି ଜିଲା ପୋଲିସ ପକ୍ଷରୁ ପୋଲିସ ମୁତୟନ କରାଯାଇଥିଲା। ଶାବର ଶ୍ରକ୍ଷେତ୍ରରେ ଶ୍ରୀ ଜଗନ୍ନାଥ , ବଳଭଦ୍ର, ସୁଭଦ୍ରାଙ୍କୁ ଦର୍ଶନ କରିବା ସହ ଶ୍ରଦ୍ଧାଳୁମାନେ ମନ୍ଦିରର ଉପରବେଢ଼ା ଥିବା ମହାବୀର ହନୁମାନ, ବିମଳା, ଗଣେଶ, ନବଗ୍ରହ, ନୃସିଂହ, ଲକ୍ଷ୍ମୀ ମନ୍ଦିରସହ ଅନ୍ୟ ଠାକୁରଙ୍କୁ ଦର୍ଶନ କରିଥିଲେ। ସେହିପରି କାର୍ତ୍ତିକ ପୂର୍ଣ୍ଣିମା ପାଇଁ କୋରାପୁଟ ସହରର ଆଖଣ୍ଡଳମଣି ମନ୍ଦିର, ଓଏମପିର ନିଳକଣ୍ଠେଶ୍ୱର ମନ୍ଦିର, ରାଉଳି ମନ୍ଦିର, ଶାବରେଶ୍ୱର ମନ୍ଦିରରେ ଜିଲା ଓ ଜିଲା ବାହାରୁ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।

# ଡଙ୍ଗାଭସା, ଆ କା ମା ବୈ ଧ୍ୱନିରେ ମୁଖରିତ ହେଲା ପରିବେଶ

ଜୟପୁର, ୮।୧୧(ନି.ପ୍ର.)

ଜୟପୁରରେ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ଆନନ୍ଦଉଲ୍ଲାସର ସହ ପାଳିତ ହୋଇଯାଇଛି। ମଙ୍ଗଳବାର ସହର ସାରା ସଂକୀର୍ତ୍ତନ ମଣ୍ଡଳୀଙ୍କ ପରିକ୍ରମା ଆଧାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଭୋର୍ ୩ଟାରୁ ବିଭିନ୍ନ ଜଳାଶୟରେ ଶ୍ରଦ୍ଧାଳୁମାନେ ଡଙ୍ଗା ଭସାଇ ଆକାମା ବୈ, ପାନଗୁଆ ତୋର, ମାସକଯାକର ଧରମ ମୋର ଧ୍ୱନିରେ ପରିବେଶ ବେଶ୍ ମୁଖରିତ ହୋଇଥିଲା। ଜଗନ୍ନାଥ ସାଗର, ଖଜୁରିବନ୍ଧଠାରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ହେଇଥିଲା। ଲୋକେ ବୋଇତଗୁଡ଼ିକରେ ଗେଣ୍ଡୁଫୁଲ ସହ ପାନପତ୍ର ଗୁଆ ପାଣିରେ ଭସାଇଥିଲେ। କେତେକ ବାଣ ଫୁଟାଇ ପିତୃ ପୁରଷଙ୍କୁ ଅର୍ପଣ କରିଥିଲେ। ଅନ୍ୟପକ୍ଷରେ ବିଭିନ୍ନ ସାହିଗୁଡ଼ିକରେ ରହିଥିବା ସଂକୀର୍ତ୍ତନ ମଣ୍ଡଳୀ ବିଭିନ୍ନ ମନ୍ଦିର ପରିସରରେ ସଙ୍କୀର୍ତ୍ତନ କରୁଥିବା ଦେଖିବାକୁ ମିଳିଥିଲା। ଆଖପାଖ ଗ୍ରାମରୁ ମଧ୍ୟ ସଂକୀର୍ତ୍ତନ ମଣ୍ଡଳୀ ଜୟପୁର ସହରକୁ ଆସିଥିଲେ। ଏହି ଅବସରରେ ସହରର ସମସ୍ତ ମନ୍ଦିରଗୁଡ଼ିକ ଲୋକାରଣ୍ୟ ହୋଇପଡିଥିଲା। ଜୟପୁରର ଜଗନ୍ନାଥ ମନ୍ଦିର, ବଲ୍ଲଭ ନାରାୟଣ ମନ୍ଦିର, ରଘୁନାଥ ମନ୍ଦିର, ଗୀତା ଭବନ, ବାଲାଜୀ ମନ୍ଦିର, ପଞ୍ଚାନନ ମନ୍ଦିର, କୁଞ୍ଜବିହାରୀ ମନ୍ଦିର, ଚୈତନ୍ୟ ମନ୍ଦିରରେ ପ୍ରବଳ ଭିଡ ଦେଖିବାକୁ ମିଳିଥିଲା। ଜିଲାର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ପୀଠରେ ମଧ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ହୋଇଥିଲା। ପୋଲିସ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥା ହୋଇଥିଲା। ଚନ୍ଦ୍ର ଗ୍ରହଣ ପାଇଁ ସାଢେ ୫ଟାରେ ସମସ୍ତ ମନ୍ଦିରେ ନୀତିକାନ୍ତି ଶେଷ କରାଯାଇଥିଲା।



ଜୟପୁର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଶ୍ରଦ୍ଧାଳୁଙ୍କ ଭିଡ ।

# କୁହୁଡ଼ି ରାତିରେ ବୁଲା ଗୋରୁ ବିପଦ

ସୁନାବେଡା/ସେମିଳିଗୁଡା, ୮।୧୧ (ସ୍ୱ ପ୍ର)



ସେମିଳିଗୁଡା ଓ ସୁନାବେଡା ସହରରେ ବୁଲା ଗୋରୁଗାଈ ଲୋକଙ୍କ ପାଇଁ ବିପଦର କାରଣ ପାଲଟିଛନ୍ତି। ଏବେ ଶୀତଦିନେ ଥଣ୍ଡା ବଢୁଥିବାରୁ ରାତିରେ କୁହୁଡି ପଡୁଛି। ଏହି କୁହୁଡି ରାତିରେ ଉଭୟ ସହରର ମୁଖ୍ୟ ରାସ୍ତା ଉପରେ ବୁଲା ଗୋରୁଗାଈ ବୁଲୁଥିବାରୁ ଅନ୍ଧାର ରାତିରେ ଯାତାୟାତ କରୁଥିବା ଗାଡି ମୋଟର ଅନେକ ସମୟରେ ସମସ୍ୟାରେ ପଡୁଛନ୍ତି। ବେଳେ ବେଳେ ଏହି କାରଣରୁ ଗାଡିଚାଳକମାନେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଗୋରୁଗାଈ ମାଲିକମାନେ ସେମାନଙ୍କୁ ଗୁହାଳରେ ନ ବାନ୍ଧି ବାହାରକୁ ଛାଡି ଦେଉଛନ୍ତି। ଏ ଦିଗରେ ପୌର ପ୍ରଶାସନ ମଧ୍ୟ ଉଦାସୀନ ରହିଛି। ଅପରପକ୍ଷରେ ଏହି ବୁଲା ଗୋରୁଗାଈଙ୍କ ଲାଗି ବହୁ ସମୟରେ ଟ୍ରାଫିକ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି । ଉଭୟ ସହର ଦେଇ ଯାଇଥିବା ରାସ୍ତାର ଅନେକ ସ୍ଥାନ ସୁନାବେଡା ପାଣ୍ଟିକା ନିକଟ ଛକ, ବସଷ୍ଟାଣ୍ଡ ଛକ, ପୌର ପରିଷଦ ନିକଟ ଟ୍ରାଫିକ ଛକ, ଭାଲୁ ପାହାଡ଼ ରାସ୍ତା, ହାଲ ସହରାଞ୍ଚଳର ଜଗନ୍ନାଥ ମାର୍କେଟ ରାସ୍ତା, ବସଷ୍ଟାଣ୍ଡ ନିକଟସ୍ଥ ରାସ୍ତା, ଷ୍ଟେଟବ୍ୟାଙ୍କ ଯିବା ରାସ୍ତା, ସେମିଳିଗୁଡା ଭେଣ୍ଡିଂ ଜୋନ, ଧନ ରାଗିଣୀ ମନ୍ଦିର ରାସ୍ତା, କଲେଜ ରୋଡ଼,ଆଇସିଆଇସିଆଇ ବ୍ୟାଙ୍କ ରାସ୍ତା, ରାମମନ୍ଦିର ରାସ୍ତା ଓ ସେମିଳିଗୁଡା କୃଷକ ବଜାର ନିକଟସ୍ଥ ରାସ୍ତାଗୁଡ଼ିକ ଗୋରୁଗାଈଙ୍କ କବଜାରେ ରହୁଛି। ଏନେଇ ବହୁବାର ପ୍ରଶାସନ ନିକଟରେ ଦାବି ହେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁ ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ପ୍ରଶାସନ ଗୋରୁଗାଈ ପାଳିଥିବା ମାଲିକମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିପାରନ୍ତା ତେବେ ଏହି ସମସ୍ୟା ଦୂର ହୋଇପାରନ୍ତା ବୋଲି ମତ ପ୍ରକାଶ ପାଉଛି।

# ୨୩ ପଞ୍ଚାୟତ ବୁଲିବ ମାଣ୍ଡିଆ ସଚେତନତା ରଥ

କୋରାପୁଟ,୮।୧୧,(ସ୍ୱ.ପ୍ର.)

କୋରାପୁଟର ପ୍ରଗତି ଅନୁଷ୍ଠାନ ଓ ଓଡିଶା ମିଲେଟ ମିଶନର ମିଳିତ ସହଯୋଗରେ ମଙ୍ଗଳବାର ନନ୍ଦପୁର ବ୍ଲକରେ ମାଣ୍ଡିଆ ସଚେତନତା ରଥର ଶୁଭାରମ୍ଭ ହୋଇଛି। ସ୍ଥାନୀୟ କୃଷି ବିଭାଗ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ନନ୍ଦପୁର କୃଷି ଅଧିକାରୀ ଭବାନୀ ଶଙ୍କର ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପୂଜାର୍ଚ୍ଚନା ସହ ସବୁଜ ପତକା ଦେଖାଇ ସଚେତନତା ରଥର ଶୁଭାରମ୍ଭ କରିଥିଲେ। ଆସନ୍ତା ୧୫ ଦିନ ଧରି ଏହି ରଥ ନନ୍ଦପୁର ବ୍ଲକର ସମସ୍ତ ୨୩ଟି ପଞ୍ଚାୟତ ପରିକ୍ରମା କରି ମାଣ୍ଡିଆ ଦିବସ ଓ ମାଣ୍ଡିଆ ଚାଷୀଙ୍କୁ ସଚେତନ କରିବ ବୋଲି କୃଷି ଅଧିକାରୀ ମିଶ୍ର କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଜେଏସଏଫପିସିର ସିଇଓ ମୁରଲି ଅଧିକାରୀ ଓ ଏମଡି ସୁରେନ୍ଦ୍ର ମନ୍ତ୍ରି, ପ୍ରଗତିର ଟିମ ଲିଡର ରାମାନୁଜ ମହାପାତ୍ର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ସହକାରୀ କୃଷି ଅଧିକାରୀ ଲିଙ୍ଗରାଜ ଚୌଧୁରୀ, ବିପିସିଓଏଲଏମ ବିଚିତ୍ରାନନ୍ଦ ରାଉତ, ଏମଜିଏନଆରଇଜିଏର ଏପିଓ ଚିନ୍ତାମଣି ତାଣ୍ଡି, ଏଓ ଜୟଦେବ ମାଳି ପ୍ରମୁଖ ଉପସ୍ଥିତ ଥିଲେ ।



ପ୍ରଗତିର ସଚେତନତା ରଥକୁ ଅତିଥିମାନେ ପତାକା ଦେଖାଇ ଉଦ୍‌ଘାନଟ କରୁଛନ୍ତି।

## କିଡିଗାଁରେ ବଣୁଆ ହାତୀ ଆତଙ୍କ, ଧାନ ଫସଲ ନଷ୍ଟ

ପାରଳାଖେମୁଣ୍ଡି,୮।୧୧(ଡି.ଏନ୍.ଏ.)

ଗଜପତି ଜିଲା କାଶୀନଗର ବ୍ଲକ ଅନ୍ତର୍ଗତ କିଡିଗାଁରେ ବଣୁଆ ହାତୀଙ୍କ ଉପଦ୍ରବ। ଗାଁ ନିକଟରେ ଥିବା ପାହାଡ଼ରେ ଦୁଇଟି ହାତୀ ରହିଛନ୍ତି। ଦୁଇଟି ବଣୁଆ ହାତୀ କିଡିଗାଁର ନିକଟସ୍ଥ ପାହାଡକୁ ଆସି ରାତିରେ ଖାଦ୍ୟ ସଂଗ୍ରହ ପାଇଁ ଧାନ କ୍ଷେତରେ ପଶି ୨ଏକର ଧାନ ଫସଲ ନଷ୍ଟ କରିଦେଇଛନ୍ତି। ଖବରପାଇ ଜିଲା ପରିଷଦ ଅଧକ୍ଷ ଗାବରା ତିରୁପତି ରାଓ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିବା ସହ କ୍ଷତିଗ୍ରସ୍ତ ଚାଷୀ କେ.ମନ୍ମଥଙ୍କ ସହ ଆଲୋଚନା କରିଛନ୍ତି । ବନବିଭାଗ ଅଧିକାରୀଙ୍କୁ ଉକ୍ତ ଘଟଣା ନେଇ ସୂଚନା ଦିଆଯାଇଛି। ଶୀଘ୍ର ଉକ୍ତ ଅଞ୍ଚଳରୁ ହାତୀଙ୍କୁ ହଟେଇବାର ବ୍ୟବସ୍ଥା କରାଯିବ ବୋଲି ଅଧକ୍ଷ କହିଛନ୍ତି । କାଶୀନଗର ବନବିଭାଗ ଅଧିକାରୀ ସୁଧୀର କୁମାର ବେହେରା କହିଛନ୍ତି ଯେ, ଉକ୍ତ ସ୍ଥାନରେ କାଶୀନଗର ଓ ଗାଇବା ବନବିଭାଗର କର୍ମଚାରୀ ଉପସ୍ଥିତ ଅଛନ୍ତି । ସେପଟେ ହାତୀକୁ ନେଇ ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି । ଗାଁ ଲୋକମାନେ କବାଟ ବନ୍ଦ କରି ଘରେ ରହୁଛନ୍ତି। ବିଭାଗ କର୍ମଚାରୀ କିଡିଗାଁ ଗାଁକୁ ଯାଇ ହାତୀପଲକୁ ଘଉଡାଇବା ପାଇଁ ଚେଷ୍ଟା କରୁଛି । ଅପରପକ୍ଷେ ଡାକବାଜି ଯନ୍ତ୍ର ସାହାଯ୍ୟରେ ବନବିଭାଗ ଲୋକଙ୍କୁ ସଚେତନ କରୁଛି। ଯେପରି କାହାର କୌଣସି କ୍ଷତି ନ ହେଉ ସେଥି ପ୍ରତି ସଜାଗ ରହିଛି ବନବିଭାଗ।

# ‘ଦାବି ନ ଶୁଣିଲେ ରାଜ୍ୟସ୍ତରୀୟ ସମାବେଶରେ ଯୋଗ ଦେବୁ



ସମ୍ମିଳନୀରେ ଯୋଗଦେଇଥିବା ଅମଲାମାନେ।

**ଅମଲାଙ୍କ ଜିଲାସ୍ତରୀୟ ସମ୍ମିଳନୀ**

ମାଲକାନଗିରି,୮।୧୧ (ଡି.ଏନ୍.ଏ.)

ଅମଲାମାନଙ୍କ ବିଭିନ୍ନ ଦାବି ନେଇ ମଙ୍ଗଳବାର ଜିଲା ସଦର ମହକୁମାସ୍ଥିତ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଜିଲାସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଲକ୍ଷ୍ମୀଧର ସେଠୀଙ୍କ ଅଧକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଅମଲାମାନଙ୍କ ପ୍ରତି ରାଜ୍ୟ ସରକାରଙ୍କ ଉପେକ୍ଷା ସମ୍ପର୍କରେ ଆଲୋଚନା ହୋଇଥିଲା। ଏହାର ପ୍ରତିବାଦରେ ଆସନ୍ତା ୨୭ ତାରିଖରେ ଭୁବନେଶ୍ୱରଠାରେ ହେବାକୁ ଥିବା ସମାବେଶରେ ମାଲକାନଗିରି ଜିଲାର ଅମଲାମାନେ ଯୋଗଦେବାକୁ ସମ୍ମିଳନୀରେ ନିଷ୍ପତ୍ତି ହୋଇଛି। ଜିଲାରେ ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା ୩ଶହରୁ ଊର୍ଦ୍ଧ୍ୱ ଅମଲା ଏହି ସମାବେଶରେ ଅଂଶଗ୍ରହଣ କରିବେ ବୋଲି ନିଷ୍ପତ୍ତି ହୋଇଛି। ବିଶେଷକରି ରାଜ୍ୟ ସରକାରଙ୍କୁ ସଂଘ ମାଧ୍ୟମରେ ଅମଲାମାନଙ୍କ ସ୍ନାତକ ଶିକ୍ଷାଗତ ଯୋଗ୍ୟତାଭିତ୍ତିକ ଦରମା ଏବଂ ୪୨୦୦ ଗ୍ରେଡ୍ ପେ ଦେବା ଲାଗି ବାରମ୍ବାର ଦାବି କରା ଯାଉଥିଲେ ମଧ୍ୟ ସରକାର ଏହାକୁ ଏ ପର୍ଯ୍ୟନ୍ତ ଗ୍ରହଣ କରିନାହାନ୍ତି। ବେସରକାରୀ ସଂସ୍ଥାରୁ ଆସି କମ୍ ଯୋଗ୍ୟତା ଥିବା କର୍ମଚାରୀମାନେ ସରକାରୀ କାର୍ଯ୍ୟାଳୟରେ କାର୍ଯ୍ୟ କରି ଅମଲାମାନଙ୍କଠାରୁ ଅଧିକ ଦରମା ନେଇ ଅନ୍ୟାନ୍ୟ ସୁବିଧା ସୁଯୋଗ ପାଉଥିବା ବେଳେ ସେମାନେ ଅବହେଳିତ ହୋଇ ଆସୁଛନ୍ତି। ସ୍ନାତକ ଶିକ୍ଷାଗତ ଯୋଗ୍ୟତା ଥିବା ଅମଲାମାନଙ୍କ ଗ୍ରେଡ୍ ପେ ୨୨୦୦ ରଖିବା ଲଜ୍ଜାଜନକ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଉପସଭାପତି ଶ୍ୟାମସୁନ୍ଦର ନାୟକ, ସମ୍ପାଦକ କିଶୋର ଚନ୍ଦ୍ର ସାହୁ, ସହକାରୀ ସମ୍ପାଦକ ଲକ୍ଷ୍ମୀଧର ଦାସ, ରାଜ୍ୟ ଯୁଗ୍ମ ସମ୍ପାଦକ ସୁକାନ୍ତ ସାହୁ, ବରିଷ୍ଠ ଅମଲା ସିଏଚ୍ ରମେଶ ନିଜ ନିଜ ମତ ରଖିଥିଲେ। ଆସନ୍ତା ୧୫ରେ ଜିଲାର ଅମଲାମାନେ ଅମଲା ଭବନରୁ ଏକ ଶୋଭାଯାତ୍ରାରେ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିବେ। ଆସନ୍ତା ୨୫ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ୨୭ ତାରିଖରେ ଭୁବନେଶ୍ୱର ସମାବେଶରେ ସମସ୍ତେ ଯୋଗଦେବେ ବୋଲି ସଭାପତି ସେଠୀ କହିଛନ୍ତି।

## ଜୁଆ ଆଡ୍ଡାରେ ଚଢ଼ାଉ: ୪ ମହିଳା ସମେତ ୮ ଗିରଫ, ୮୨ ହଜାର ଜବତ

ଭଞ୍ଜନଗର,୮।୧୧(ଡି.ଏନ.ଏ)

ବେଲଗୁଣ୍ଠା ପୋଲିସ ମଙ୍ଗଳବାର ଗୋପିନାଥ ସାହିରେ ଚାଲିଥିବା ଏକ ଜୁଆ ଆଡ୍ଡା ଉପରେ ଚଢାଉ କରିଛି। ଏଥିରେ ସମ୍ପୃକ୍ତ ୪ ମହିଳାଙ୍କ ସମେତ ୮ ଜଣଙ୍କୁ ଗିରଫ କରାଯାଇଛି। ଏଥିସହ ୮୨ ହଜାର ୭୦୦ ଟଙ୍କା ଜବତ କରାଯାଇଛି। ଏ ନେଇ ନଂ. ୩୫୪/୨୨ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ଅଧିକ ତଦନ୍ତ ଚଳାଇଛି ବୋଲି ଥାନାଧିକାରୀ ପି କେ ସାହୁ ସୂଚନା ଦେଇଛନ୍ତି। ଦଶହରା ସମୟରେ ସାଧାରଣତଃ ଗଞ୍ଜାମ ଜିଲାରେ ଚାରିଆଡ଼େ ଜୁଆ ଖେଳ ବୃଦ୍ଧି ପାଇଥାଏ। ଏହାପରେ କାଳୀପୂଜା ପରେ ଜୁଆ ଖେଳ ପ୍ରାୟ ବନ୍ଦ ହୋଇଯାଇଥାଏ। କିନ୍ତୁ ଏବେବି ଭଞ୍ଜନଗର ଓ ବେଲଗୁଣ୍ଠା ଥାନା ଅଞ୍ଚଳର ଅନେକ ସ୍ଥାନରେ ଜୁଆ ଖେଳ ବେନିୟମ ଭାବେ ଚାଲିଛି।

## କୋରାପୁଟରେ ଓଡ଼ିଶା ପରିବେଶ କଂଗ୍ରେସର କ୍ୟାମ୍ପ କାର୍ଯ୍ୟାଳୟ ଉଦ୍‌ଘାଟିତ

କୋରାପୁଟ,୮।୧୧(ସ୍ୱ.ପ୍ର.)

- ୨୧-୨୩ ଯାଏ ହେବ ୩ଦିନିଆ କାର୍ଯ୍ୟକ୍ରମ
- ଭାରତର ବିଭିନ୍ନ ସ୍ଥାନରୁ ଯୋଗଦେବେ ବୈଜ୍ଞାନିକ, ଗବେଷକ

କୋରାପୁଟସ୍ଥିତ କୋଟସ କ୍ୟାମ୍ପସରେ ଓଡ଼ିଶା ପରିବେଶ କଂଗ୍ରେସର କ୍ୟାମ୍ପ କାର୍ଯ୍ୟାଳୟ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି । ଜିଲାପାଳ ଅବଦାଲ ଏମ୍. ଅଖତାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲାର ଆଦିବାସୀ ସଂସ୍କୃତି, ପରମ୍ପରା ତଥା ଜୀବନଧାରା ପରିବେଶ ସହିତ ଓତପ୍ରୋତ ଭାବେ ଜଡିତ। ଦେଶର ବିଭିନ୍ନ ଅଞ୍ଚଳରୁ ଏଠାକୁ ଗବେଷକ, ଅଧ୍ୟାପିକା ଅଧ୍ୟାପକ, ବୁଦ୍ଧିଜୀବୀ ଓ ଛାତ୍ରୀଛାତ୍ର ଆସୁଥିବାରୁ ସେମାନଙ୍କ ପାଇଁ ଆସନ୍ତା ଡିସେମ୍ବର ୨୧ରୁ ୨୩ ତାରିଖ ପର୍ଯ୍ୟନ୍ତ କୋଟସ୍, କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଓଡ଼ିଶା ପରିବେଶ କଂଗ୍ରେସର ତ୍ରୟୋଦଶତମ ଜାତୀୟ ସମାବେଶ ଅନୁଷ୍ଠିତ ହେବ। ଏଥିରେ ଭାରତର ବିଭିନ୍ନ ସ୍ଥାନରୁ ବୈଜ୍ଞାନିକ, ଶିକ୍ଷକ, ଗବେଷକ ଏବଂ ପରିବେଶ ପାଇଁ କାର୍ଯ୍ୟ କରୁଥିବା ବହୁ ବ୍ୟକ୍ତି ଯୋଗଦେବା କାର୍ଯ୍ୟକ୍ରମ ରହିଛି । ଏହି ସମୟରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ୩ ଦିନିଆ ସମ୍ମିଳନୀ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରାଯିବ ବୋଲି କାର୍ଯ୍ୟକ୍ରମରେ ଉପସ୍ଥିତ ସମ୍ମାନିତ ଅତିଥି ପ୍ରଫେସର ଶରତ ପାଲିତା କହିଛନ୍ତି। ଉଦ୍‌ଘାଟନୀ ଉତ୍ସବରେ ଶାବର ଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ସମ୍ପାଦକ ଜଗବନ୍ଧୁ ସାମଲ, ଅଧ୍ୟାପିକା ଡ. ପ୍ରୀତିଧାରା ସାମଲ, କୋଟସ ଇଗ୍ନୋ କେନ୍ଦ୍ରର ସଂଯୋଜକ ଡ. ନରେନ୍ଦ୍ର ରଥ, ଗୋପୀନାଥ ପ୍ରଧାନ, ଅଧ୍ୟାପକ ଦେବବ୍ରତ ପଣ୍ଡା, ରୂପକ ତୁରୁକ, ଶରତ ପଟ୍ଟନାୟକ, ପ୍ରଦୀପ ମହାନ୍ତି, ପ୍ରଶାସକ ସୁଧାକର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



ଜିଲାପାଳ ଅବଦାଲ ଏମ୍. ଅଖତାର କ୍ୟାମ୍ପ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରୁଛନ୍ତି।

# ଦୁର୍ଗମ ଅଞ୍ଚଳରେ ଜଳ ଯନ୍ତ୍ରଣା

ମାଥିଲି,୮।୧୧(ଡି.ଏନ.ଏ.)

- ଝରଣାପାଣିରେ ମେଣ୍ଟୁଛି ଶୋଷ
- ଓପିଲିପି ଅଧିକାରୀଙ୍କ ମନମୁଖି କାର୍ଯ୍ୟ
- ୭ଦଶନ୍ଧି ପରେ ମଧ ଗ୍ରାମରେ ନାହିଁ ନଳକୂପ

ଶୁଦ୍ଧ ପାନୀୟଜଳ ଘରେ ଘରେ ପହଞ୍ଚାଇବା ପାଇଁ ରାଜ୍ୟ ସରକାର ବହୁ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥିପାଇଁ ରାଜକୋଷରୁ ବହୁ ଅର୍ଥ ବ୍ୟୟ ହେଉଛି। ମାତ୍ର ସରକାରୀ କର୍ମଚାରୀଙ୍କ ଉଦାସୀନତା ଯୋଗୁ ଯୋଜନାର ସୁଫଳ ଲୋକଙ୍କ ନିକଟରେ ପହଞ୍ଚିପାରୁନାହିଁ। ଲୋକେ ପାନୀୟଜଳ ପାଇଁ ଡହଳ ବିକଳ ହେଉଛନ୍ତି। ଏପରି ଦୃଶ୍ୟ ଦେଖିବାକୁ ମିଳିଛି ମାଲକାନଗିରି ଜିଲା ଖଇରପୁଟ ବ୍ଲକ ବଣ୍ଡାଘାଟିର ହାଣ୍ଡ୍ରାହାଲ ପଞ୍ଚାୟତର ରାଜସ୍ୱ ଗ୍ରାମର ପଡ଼ାସାହି ବିଶୋଇଗୁଡ଼ା ଗ୍ରାମରେ। ଗ୍ରାମରେ ୩୦ରୁ ଊର୍ଦ୍ଧ୍ୱ ପରିବାର ରହୁଥିବା ବେଳେ ପ୍ରାୟ ୧୫୦ ଲୋକ ବସବାସ କରୁଛନ୍ତି। ଏବେ ଦେଶ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ କରୁଥିବା ବେଳେ ଏହି ଗ୍ରାମରେ ଏଯାଏ ନଳକୂପଟିଏ ହୋଇପାରିନାହିଁ। ଫଳରେ ଗ୍ରାମବାସୀ ବର୍ଷ ବର୍ଷ ଧରି ଝରଣାର ଗୋଳିଆପାଣି ଉପରେ ନିର୍ଭରକରି ଆସୁଛନ୍ତି। ସେହି ଝରଣାରେ ଗାଧେଇବା, ଲୁଗାପଟା ସଫା କରିବାଠାରୁ ଆରମ୍ଭ କରି ଗୃହପାଳିତ ପ୍ରାଣୀ ମଧ୍ୟ ନିଜ ଶୋଷ ମେଣ୍ଟାନ୍ତି। ବଣପାହାଡ଼ ଘେରା ଜଙ୍ଗଲ ପାରହୋଇ ଘାଟି ଓହ୍ଲାଇ ପାଣିହାଣ୍ଡି ଧରି ଘାଟି ଚଢ଼ିବା ବେଳେ ଅନେକ ସମୟରେ ମହିଳାମାନେ ଗୋଡ ଖସି ପଡ଼ିଯାଇଥାନ୍ତି। ମୁନ୍ଦିଏ ପାଣି ପାଇଁ ଗର୍ଭବତୀମାନେ ମଧ ମୁଣ୍ଡରେ ପାଣିହାଣ୍ଡି ଧରି ଘାଟି ଚଢି ପାର ହେଉଥିବାର ମଧ୍ୟ ଅଭାବନୀୟ ଦୃଶ୍ୟ ଉକ୍ତ ଅଞ୍ଚଳରେ ଦେଖିବାକୁ ମିଳୁଛି। ସ୍ୱାଧୀନତାର ୭ ଦଶନ୍ଧି ବିତିଯାଇଥିଲେ ସୁଦ୍ଧା ଜିଲାରେ ଏପରି ଅନେକ ଗ୍ରାମ ରହିଛି ଯେଉଁଠି ଲୋକେ ମୌଳିକ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହୋଇ ଆସୁଛନ୍ତି। ଏଥିପ୍ରତି କେନ୍ଦ୍ର କି ରାଜ୍ୟ ସରକାର ଗୁରୁତ୍ୱ ଦେଉନାହାନ୍ତି। ବଣ୍ଡାଘାଟିର ବଣ୍ଡା ଜନଜାତିର ବିକାଶ ପାଇଁ ବଣ୍ଡା ଉନ୍ନୟନ ସଂସ୍ଥା ଖୋଲାଯାଇଛି। ଏହି ସଂସ୍ଥା ଓ ଓପିଲିପି ମିଳିତ ଭାବରେ ବଣ୍ଡାଘାଟିର ବଣ୍ଡା ଜନଜାତିଙ୍କ ପାଖରେ ମୌଳିକ ସୁବିଧା ସହଜରେ ପହଞ୍ଚାଇବା ଏହାର ଲକ୍ଷ୍ୟ ଥିଲା। ଓପିଲିପି ତରଫରୁ ଗ୍ରାମବାସୀଙ୍କୁ ବୁଝାଇ ଝରଣାପାଣି ସଂଗ୍ରହକରି ସେହି ପାଣିକୁ ଗ୍ରାମରେ ପାଇପ ଯୋଗେ ପାନୀୟଜଳ ଯୋଗାଇଦେବା ପାଇଁ କାର୍ଯ୍ୟ ଆରମ୍ଭ ହୋଇଥିଲା। ଏଥିପାଇଁ ଗ୍ରାମର ମହିଳା ପୁରୁଷ ଦୀର୍ଘ ୨ ମାସ ଧରି କାର୍ଯ୍ୟ କରିଛନ୍ତି। ଏଥିଲାଗି ଓପିଲିପି ଅଧିକାରୀ ଗ୍ରାମବାସୀଙ୍କୁ ସ୍ୱଳ୍ପ ପାରିଶ୍ରମିକ ଦେଇଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଝରଣାପାଣି ସଂଗ୍ରହ ପାଇଁ ଯେଉଁ ଟାଙ୍କି ନିର୍ମାଣ କରିବା କଥା ତାହା ଓପିଲିପି କରିନାହିଁ। ଏଥିପାଇଁ ଆସିଥିବା ସିମେଣ୍ଟ ଏବଂ ଅନ୍ୟ ସାମଗ୍ରୀ ସବୁ ଦୀର୍ଘ ବର୍ଷ ହେଲା ସେଠାରେ ପଡି ନଷ୍ଟ ହୋଇଗଲାଣି। ଏସବୁର ତଦାରଖ କରିବା ପାଇଁ କେହି ନାହାନ୍ତି। ଏ ସମ୍ପର୍କରେ ବଣ୍ଡା ଉନ୍ନୟନ ସଂସ୍ଥା ଓ ଓପିଲିପିର ଅଧିକାରୀଙ୍କ ମତାମତ ନେବା ପାଇଁ କାର୍ଯ୍ୟାଳୟ ସହ ଯୋଗାଯୋଗ କରାଯାଇଥିଲେ ମଧ୍ୟ କାର୍ଯ୍ୟାଳୟ ବନ୍ଦ ଥିବାରୁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି।



ମହିଳାମାନେ ଝରଣାରୁ ପାନୀୟ ଜଳ ସଂଗ୍ରହ କରି ନେଉଛନ୍ତି ।

## ଗୋଟିଏ ନଳକୂପ ଉପରେ ନିର୍ଭର କରନ୍ତି ୩ ଶହ ଲୋକ

ଦଶମନ୍ତପୁର,୮।୧୧( ଡି.ଏନ୍, ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଗାଦିଆଗୁଡ଼ା ପଞ୍ଚାୟତର ବୋଗେଇପଦର ଗ୍ରାମରେ ପାନୀୟ ଜଳ ସଙ୍କଟ ଦେଖାଦେଇଛି। ଗ୍ରାମରେ ୬୦ ପରିବାର ବସବାସ କରୁଥିବା ବେଳେ ଜନସଂଖ୍ୟା ୩୦୦ । ଗ୍ରାମରେ ଗୋଟିଏ ମାତ୍ର ନଳକୂପ ଅଛି। ଏହାର ଜଳ ଗ୍ରାମବାସୀଙ୍କ ପାଇଁ ଯଥେଷ୍ଟ ହେଉନାହିଁ ବୋଲି ଗ୍ରାମର ନୀଳା ଗରଡ଼ା, ପାର୍ବତୀ ଭତ୍ରା, ଅନିତା ଡଙ୍ଗରି, ଫୁଲମା ଖରା, ବୈଦି ଗରଡ଼ା ପ୍ରମୁଖ ଗ୍ରାମବାସୀ କହିଛନ୍ତି। ଲୋକେ ବାଧ ହୋଇ ଗ୍ରାମ ନିକଟସ୍ଥ ମୁରାନ ନଦୀରେ ଚୁଆ ଖୋଳି ସେଥିରୁ ଜଳ ସଂଗ୍ରହକରି ଆଣି ପାନୀୟ ଜଳ ରୂପେ ବ୍ୟବହାର କରୁଥିବା ଗ୍ରାମର ମହିଳାମାନେ ପ୍ରକାଶ କରିଛନ୍ତି। ଗ୍ରାମରେ ଆଉ ଗୋଟିଏ ନଳକୂପ ଖନନ ନ କଲେ ଆଗାମୀ ଦିନରେ ସେମାନେ ଆନ୍ଦୋଳନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ସରପଞ୍ଚ ଆନନ୍ଦ ମୁଦୁଲିଙ୍କୁ ପଚାରିବାରୁ ସେ କହିଲେ, ବୋଗେଇପଦର ଗ୍ରାମରେ ଏକ ନୂତନ ନଳକୂପ ଖନନ ପାଇଁ ପ୍ରଶାସନକୁ ଅବଗତ କରାଇବେ।

